## ସଂକ୍ଷେପରେ

### ଅଲଟ୍ରାସାଉଣ୍ଡ୍ ପ୍ରକୋଷ୍ଠ ସିଲ୍

**ଢେଙ୍କାନାଳ ଅଫିସ, ୮।୧୨**

ଢେଙ୍କାନାଳ ସହର ୯ନଂ. ୱାର୍ଡ ଅଧୀନ କଣ୍ଟାନାଳୀ ବାଇପାସ୍ ଛକସ୍ଥିତ ଘରୋଇ ସନ୍ ହସ୍ପିଟାଲରେ ବେଆଇନ ଭାବେ ଭ୍ରୂଣ, ଲିଙ୍ଗ ନିରୂପଣ କରାଯାଉଥିବା ଅଭିଯୋଗ ଆସିବା ପରେ ଗୁରୁବାର ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ପୂର୍ବରୁ କ୍ଲିନିକ୍‌ର ଅଲଟ୍ରାସାଉଣ୍ଡ ମେଶିନ୍‌କୁ ସିଲ୍ କରାଯାଇଥିବାବେଳେ ଚଢ଼ାଉ ବେଳେ ଉକ୍ତ ପ୍ରକୋଷ୍ଠ ଖୋଲାଥିବା ଦେଖିବାକୁ ମିଳିଥିଲା। ଏହାପରେ ଅଲଟ୍ରା ସାଉଣ୍ଡ ମେଶିନ ସହ ଉକ୍ତ ପ୍ରକୋଷ୍ଠକୁ ସିଲ୍ କରିଦିଆଯାଇଥିବା ସିଡିଏମ୍‌ଓ ଡା. ଅଶୋକ କୁମାର ଦାଶ ସୂଚନା ଦେଇଛନ୍ତି। ଏଡିଏମ୍‌ଓ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢ଼ାଉରେ ମାଜିଷ୍ଟ୍ରେଟ୍, ପୋଲିସ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ସାମିଲ ହୋଇଥିଲେ।



# ବଜରଙ୍ଗ କ୍ଲବକୁ 'ବ୍ଲଡ୍‌କନ୍ ସମ୍ମାନ'

**ଢେଙ୍କାନାଳ ଅଫିସ, ୮।୧୨**

ଢେଙ୍କାନାଳ ଜିଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ବଜରଙ୍ଗ କ୍ଲବକୁ ସର୍ବଭାରତୀୟ ରକ୍ତଦାତା ମହାସଂଘ ପକ୍ଷରୁ 'ବ୍ଲଡକନ୍ ସମ୍ମାନ'ରେ ସମ୍ମାନିତ କରାଯାଇଛି। ନୂଆଦିଲ୍ଲୀ ନୋଏଡାସ୍ଥିତ ରାଷ୍ଟ୍ରୀୟ ଜୈବିକ ବିଜ୍ଞାନ ସଂସ୍ଥାନରେ ମଙ୍ଗଳବାର ଅନୁଷ୍ଠିତ ବ୍ଲଡ୍‌କନ୍–୨୦୨୨ର ୩ଦିନିଆ କର୍ମଶାଳାରେ ଅନୁଷ୍ଠାନକୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ସର୍ବଭାରତୀୟ ରକ୍ତଦାତା ମହାସଂଘ ସଭାପତି କେ.ପି. ରାଜଗୋପାଳନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ସୋମ ପ୍ରକାଶ କ୍ଲବ ସଦସ୍ୟ ସନ୍ଦୀପ ଷଡ଼ଙ୍ଗୀ, ସିଦ୍ଧାର୍ଥ ପ୍ରୀତମ ମହାନ୍ତିଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ରକ୍ତଦାତା ମହାସଂଘ ସାଧାରଣ ସମ୍ପାଦକ ବିଶ୍ୱରୂପ ବିଶ୍ୱାସ, ରାଷ୍ଟ୍ରୀୟ ଜୈବିକ ବିଜ୍ଞାନ ସଂସ୍ଥାନର ହିମୋ ଭିଜିଲାନ୍ସର ମୁଖ୍ୟ ପ୍ରୋଗ୍ରାମର ଡ. ଆକାଂକ୍ଷା ବିଷ୍ଟ ଉପସ୍ଥିତ ଥିଲେ।



ବଜରଙ୍ଗ କ୍ଲବକୁ ବ୍ଲଡ୍‌କନ୍ ସମ୍ମାନ ପ୍ରଦାନ କରାଯାଉଛି

ରକ୍ତଦାନ ଶିବିର ଗୁଣବତ୍ତା ପରିଚାଳନା, ରକ୍ତଦାନ ଶିବିରର ଆୟୋଜନ, ଗୁଣବତ୍ତାଯୁକ୍ତ ରକ୍ତସଂଗ୍ରହ, ରକ୍ତଦାନ କେନ୍ଦ୍ର ଓ ସ୍ୱେଚ୍ଛାସେବୀଙ୍କ ଦାୟିତ୍ୱ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲେ। ସ୍ୱେଚ୍ଛାକୃତ ରକ୍ତଦାନ–୨୦୩୦ର ଲକ୍ଷ୍ୟକୁ ଛାତ୍ରୀଛାତ୍ରଙ୍କ ନିକଟରେ ପହଞ୍ଚାଇବା, ବିନା ପ୍ରତିବଦଳରେ ସମସ୍ତଙ୍କ ପାଇଁ ରକ୍ତ ଉପଲବ୍ଧ, ରକ୍ତଦାନ ଆଇନ ଓ ନୂତନ ନିୟମ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ମୋରିସସ, ଲେବାନନ, ନେପାଳ ଆଦି ସ୍ଥାନରୁ ବହୁ ସ୍ୱେଚ୍ଛାସେବୀ ସଙ୍ଗଠନ କର୍ମଶାଳାରେ ଭାଗନେଇଥିଲେ।

# କୃଷି ସମସ୍ୟା ଆଲୋଚନା

**ଢେଙ୍କାନାଳ ଅଫିସ, ୮।୧୨**

ଢେଙ୍କାନାଳ ଜିଲା ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଚାଷୀ ଜାଗରଣ ସଭା ଓ ତାଲିମ ଶିବିର ସ୍ଥାନୀୟ ଗାନ୍ଧୀମନ୍ଦିର ନିକଟରେ ଜିଲା ସଭାପତି ବିପ୍ରବର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସର୍ବଭାରତୀୟ ନବନିର୍ମାଣ କୃଷକ ସଙ୍ଗଠନର ଅଧ୍ୟକ୍ଷ ଅକ୍ଷୟ କୁମାର ଯୋଗଦେଇ ପ୍ରଶିକ୍ଷଣ ଦେବା ସହ ଚାଷୀ ଜାଗରଣ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ପ୍ରଭାରୀ ଅଶ୍ୱିନୀ କୁମାର ଜେନା, ସହସଂଯୋଜକ ପ୍ରହଲ୍ଲାଦ ସାହୁ ଯୋଗଦେଇ କୃଷି ସମସ୍ୟା ଉପରେ ଆଲୋଚନା କରିଥିଲେ। ଜିଲା ନବନିର୍ମାଣ କୃଷକ ଯୁବ ସଙ୍ଗଠନର ସଂଯୋଜକ ଭାବେ ଚାଷୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଧାନ ମଣ୍ଡି ବ୍ୟବସ୍ଥାରେ ସୁଧାର, କଟ୍‌ନି ଛଟ୍‌ନି ବନ୍ଦ, ଧାନ କୁଇଣ୍ଟାଲ ପିଛା ୫୦୦୦ ଟଙ୍କା, ବାର୍ଦ୍ଧକ୍ୟ ଭତ୍ତା ୨୦୦୦ ଟଙ୍କା, ବେକାରି ଭତ୍ତା, ବନ୍ୟଜନ୍ତୁ ଉପଦ୍ରବରୁ ଫସଲ ସୁରକ୍ଷା, ହାତୀ ଆକ୍ରମଣରେ ମୃତକଙ୍କ ପରିବାରକୁ ଆଖିଦୃଶିଆ କ୍ଷତିପୂରଣ, ଚାଷୀଙ୍କୁ ତୁରନ୍ତ ଫସଲ ବୀମା ରାଶି ପ୍ରଦାନ, କୃଷି ଋଣଛାଡ, ତେଲଙ୍ଗାନା ଭଳି ରାଜ୍ୟର ଚାଷୀଙ୍କୁ ଚାଷ ପାଇଁ ଏକର ପିଛା ୧୦ ହଜାର ଟଙ୍କା ସହାୟତା, ପ୍ରକୃତ ଚାଷୀଙ୍କୁ ବିହନ, କୀଟନାଶକ ପ୍ରଦାନ ଆଦି ଦାବି ଉପରେ ଆଲୋଚନା କରାଯାଇଥିଲା। ଚାଷୀ ନେତା ରଥ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।


ଚାଷୀ ଜାଗରଣ ସଭାରେ ସଙ୍ଗଠନର କର୍ମକର୍ତ୍ତାମାନେ।

# କଳାସଂସ୍କୃତିରେ ଓଡ଼ିଶାର ସ୍ଥାନ ସ୍ୱତନ୍ତ୍ର


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ପରଜଙ୍ଗ, ୮।୧୨(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ମୁକ୍ତାପଶି ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଲଣ୍ଡାବିରି ଦେବୀଙ୍କ ପୀଠରେ ଗୁରୁବାର ପଞ୍ଚାୟତସ୍ତରୀୟ ଲୋକକଳା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ଡା. ନୃସିଂହ ଚରଣ ସାହୁ , ସମ୍ମାନିତ ଅତିଥି ଜିଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ, ବିଡିଓ ସଂଗ୍ରାମ କେଶରୀ ଭୋଳ, ରାଜ୍ୟ କଳାସଂସ୍କୃତି ସଂଘ ଉପସଭାପତି ଅବନୀ ମିଶ୍ର, ଜିଲା କଳାସଂସ୍କୃତି ସଂଘର ଉପସଭାପତି ଅଶୋକ ସାମଲ, ବ୍ଲକ କଳାସଂସ୍କୃତି ସଂଘ ଉପସଭାପତି ପ୍ରଭାକର ନାଥ ଯୋଗଦେଇଥିଲେ। କଳାସଂସ୍କୃତି ପାଇଁ ବିଶ୍ୱଦରବାରରେ ଓଡ଼ିଶାର ସ୍ଥାନ ସ୍ୱତନ୍ତ୍ର।

ଏହାକୁ ଉଜ୍ଜୀବିତ ରଖିବା ପାଇଁ ରାଜ୍ୟର କଳାକାରମାନେ ଉଦ୍ୟମ ଜାରି ରଖିଛନ୍ତି। ଏଭଳି ଲୋକକଳା ମହୋତ୍ସବ କଳାକାରଙ୍କୁ ପ୍ରେରଣା ଯୋଗାଇବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସରପଞ୍ଚ ସସ୍ମିତା ସାହୁଙ୍କ ଆହ୍ୱାନକ୍ରମେ ମୁକ୍ତାପଶି, ବଡ଼ଝରା, ଜୟପୁରାକାଟେଣୀ, ପଥରଖମ୍ବ ପଞ୍ଚାୟତର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବ୍ଲକର ବହୁ କଳାକାର, କଳାପ୍ରେମୀ ବ୍ୟକ୍ତି ଯୋଗଦେଇଥିଲେ।

# ନୃତ୍ୟଗୁରୁ ଗୌରୀଶଙ୍କର ସମ୍ବର୍ଦ୍ଧିତ

**ଢେଙ୍କାନାଳ ଅଫିସ, ୮।୧୨**

ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ସୁର୍ ଭାଇବ୍ରେଶନ ପକ୍ଷରୁ ଅନୁଷ୍ଠିତ ରାଜଧାନୀ ନୂଆଖାଇ ଉତ୍ସବରେ ଢେଙ୍କାନାଳର ଖ୍ୟାତନାମା ନୃତ୍ୟଗୁରୁ ଗୌରୀଶଙ୍କର ଦାସଙ୍କୁ ଓଡ଼ିଶୀ–ଛଉନୃତ୍ୟ କ୍ଷେତ୍ରରେ ଅବଦାନ ଲାଗି ସମ୍ବର୍ଦ୍ଧିତ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଯୋଗଦେଇ ଗୁରୁ ଗୌରୀଶଙ୍କରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଧାୟକ ଅନନ୍ତ ନାରାୟଣ ଜେନା, ସଂସ୍କୃତି ସଚିବ ସତ୍ୟବ୍ରତ ସାହୁ, ଓଟିଡିସି ଅଧ୍ୟକ୍ଷ ଲେନିନ ମହାନ୍ତି, ପୂର୍ବତନ ସଂସ୍କୃତି ନିର୍ଦ୍ଦେଶକ ସୁଶୀଲ କୁମାର ଦାସ, ଦିଲୀପ ଶ୍ରୀଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ।


ଓଡ଼ିଶୀ ନୃତ୍ୟଗୁରୁ ଗୌରୀଶଙ୍କରଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ସମ୍ବର୍ଦ୍ଧିତ କରୁଛନ୍ତି।

# ୧୪୭ ବିଧାନସଭା ଆସନରେ ପ୍ରାର୍ଥୀ ଦେବ ଆମ୍ ଆଦ୍‌ମୀ ପାର୍ଟି

**ଢେଙ୍କାନାଳ ଅଫିସ, ୮।୧୨**

ଆମ୍ ଆଦ୍‌ମୀ ପାର୍ଟି (ଏଏପି)କୁ ଜାତୀୟ ଦଳ ଘୋଷଣା ଏବଂ ଦିଲ୍ଲୀ ନଗର ନିଗମ ନିର୍ବାଚନରେ ବିଜୟକୁ ସ୍ମରଣୀୟ କରିବା ପାଇଁ ଗୁରୁବାର ଢେଙ୍କାନାଳରେ ଦଳ ପକ୍ଷରୁ ବିଜୟ ଉତ୍ସବ ପାଳନ କରାଯାଇଛି। ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କିଜରିୱାଲଙ୍କ ନେତୃତ୍ୱରେ ଦଳର ଲୋକପ୍ରିୟତା ବଢ଼ିବାରେ ଲାଗିଛି। ଓଡ଼ିଶାରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ଦଳ ପକ୍ଷରୁ ସମସ୍ତ ୧୪୭ ବିଧାନସଭା ଆସନରେ ପ୍ରାର୍ଥୀ ଦିଆଯିବ। ଦୁର୍ନୀତି ବିରୋଧୀ କାର୍ଯ୍ୟକ୍ରମକୁ ଆହୁରି ଜୋର୍‌ଦାର କରାଯିବ ବୋଲି ଜିଲା ଆବାହକ ପଙ୍କଜ ନାୟକ ସୂଚନା ଦେଇଛନ୍ତି।

କାର୍ଯ୍ୟକ୍ରମରେ ଜିଲା ମହିଳା ସଭାନେତ୍ରୀ ସ୍ନେହଲତା ମହାନ୍ତି, ସମ୍ପାଦକ ବିଷ୍ଣୁ ପ୍ରସାଦ ପଣ୍ଡା, ଉପସଭାପତି ବିକ୍ରମ ରାଉତ, ପର୍ଶୁରାମ ମହାଭୋଇ, ଯୁଗ୍ମ ସମ୍ପାଦକ ପୀତାମ୍ବର ଦାସ, କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ଗିରି, ଯୁବ ଉପସଭାପତି ବିଭୂତି ପ୍ରଧାନ, ଅଜୟ ନାୟକ, ଜିଲା କାର୍ଯ୍ୟକାରିଣୀ ସଭ୍ୟ ସୁଶାନ୍ତ ପାଣି, ବିଭୁ ରଞ୍ଜନ ସାହୁ, ସନାତନ ନାଏକ, ପ୍ରକାଶ ବିଶ୍ୱାଳ, ରାଜକୁମାର ପ୍ରଧାନ, ଲକ୍ଷ୍ମଣ ନାୟକ, ସଞ୍ଜୟ ମହାରଣା, ଅଜୟ ସାହୁ, ବିଜୟ ନାଏକ, ଚିନ୍ମୟ ସେନାପତି, ଜନରଞ୍ଜନ ରାଉତ, ହେମନ୍ତ ଧଳ, ଅଭିରାମ ସେଠୀ, ଯୁବ ସଙ୍ଗଠକ ଅଶ୍ୱିନୀ ପଟ୍ଟନାୟକ, ବିଭୁ ପ୍ରସାଦ ମହାନ୍ତି, କୃଷ୍ଣ ଭୂତିଆ, ନବକିଶୋର ସାହୁ, ଚିନ୍ତାମଣି ମହାନ୍ତି, ଅନିମା ସାହୁ, ସଂଯୁକ୍ତା ମହାପାତ୍ର ପ୍ରମୁଖ ବିଜୟ ଉତ୍ସବରେ ସାମିଲ ହୋଇଥିଲେ। ଦଳୀୟ କର୍ମୀମାନେ ପରସ୍ପରକୁ ମିଠା ଖୁଆଇ ଖୁସି ମନାଇଥିଲେ।

# ସାଇ ଦରବାରରେ ବାର୍ଷିକ ଉତ୍ସବ


ସାଇ ଦରବାରରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ସାମିଲ ହୋଇଥିବା ଶ୍ରଦ୍ଧାଳୁମାନେ।

**ଢେଙ୍କାନାଳ ଅଫିସ, ୮।୧୨**

ଢେଙ୍କାନାଳ ମିନାବଜାରସ୍ଥିତ ସାଇ ଦରବାରରେ ତ୍ରୟୋଦଶ ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳ ୬ଟାରେ କାକଡ୍ ଆଳତି ପରେ ପର୍ଯ୍ୟାୟକ୍ରମେ ସାଇବାବାଙ୍କ ମହାସ୍ନାନ, ଶୃଙ୍ଗାର ସେବା, ରୌପ୍ୟ ସିଂହାସନ ଆରୋହଣ, ହୋମ, ମଧ୍ୟାହ୍ନ ଆରତି, କୀର୍ତ୍ତନ, ସନ୍ଧ୍ୟା ଆରତି ଏବଂ ସାଇଭଜନ ଅନୁଷ୍ଠିତ ହୋଇଥିଲା। କଟକରୁ ଆସିଥିବା ଶୋଭାନ୍ୱେଶ ରଥଙ୍କ ସାଇ ଦିବ୍ୟଲୀଳା ପ୍ରବଚନ ଆକର୍ଷଣ ସାଜିଥିଲା। ରାତି ସାଢ଼େ ୯ଟାରେ ବାବାଙ୍କ ଶେଯ ଆରତି ସମ୍ପନ୍ନ ହୋଇଛି। କାର୍ଯ୍ୟକ୍ରମରେ ବହୁ ସାଇ ଅନୁଗାମୀ ଉପସ୍ଥିତ ଥିବାବେଳେ ସାଇ ପାରାୟଣର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ୧୦ରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର

**ଢେଙ୍କାନାଳ ଅଫିସ, ୮।୧୨**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଖଡଗ୍‌ପ୍ରସାଦ ପ୍ରାଥମିକ ବିଦ୍ୟାଳୟରେ ଆସନ୍ତା ୧୦ ତାରିଖରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବ। ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଶୋଭା' ଓ ନବ ଲିମିଟେଡ୍ କମ୍ପାନୀର ମିଳିତ ଆନୁକୂଲ୍ୟରେ ଏହାର ଆୟୋଜନ କରାଯାଇଛି। ଶିଶୁ ରୋଗ, ସ୍ତ୍ରୀ ରୋଗ, ଚକ୍ଷୁରୋଗ ବିଶେଷଜ୍ଞମାନେ ଉପସ୍ଥିତ ରହି ଆବଶ୍ୟକ ପରାମର୍ଶ ଦେବେ। ଭୌତିକ ଚିକିତ୍ସା, ହୋମିଓପାଥିକ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ। ମାନସିକ ଅନଗ୍ରସରଙ୍କୁ ସ୍ୱାସ୍ଥ୍ୟବୀମା ଯୋଜନାରେ ଅନ୍ତର୍ଭୁକ୍ତ କରିବା ଲାଗି ବ୍ୟବସ୍ଥା କରାଯାଇଛି। ଏ ନେଇ ଖଡଗ୍‌ପ୍ରସାଦ ପ୍ରାଥମିକ ବିଦ୍ୟାଳୟରେ ଶୋଭା ନିର୍ଦ୍ଦେଶକ ଉଦୟେନ୍ଦୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଆଖପାଖ ଅଞ୍ଚଳବାସୀ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ଜନପ୍ରତିନିଧି, ଶିକ୍ଷୟିତ୍ରୀ, ଶିକ୍ଷକମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବା ଲାଗି ଆଲୋଚନା କରିଥିଲେ।


ବୈଠକରେ ସ୍ୱାସ୍ଥ୍ୟ ଶିବିର ବିଷୟରେ ଆଲୋଚନା କରାଯାଉଛି।



ଦିଲ୍ଲୀ ନଗର ନିଗମ ନିର୍ବାଚନର ବିଜୟକୁ ସ୍ମରଣୀୟ କରି ଢେଙ୍କାନାଳ ଆମ୍ ଆଦ୍‌ମୀ ପାର୍ଟିର କର୍ମକର୍ତ୍ତାମାନେ ବିଜୟ ଉତ୍ସବ ପାଳନ କରୁଛନ୍ତି।



ପଦ୍ମପୁର ଉପନିର୍ବାଚନରେ ବିଜେଡିର ବିପୁଳ ବିଜୟ ପରେ ଢେଙ୍କାନାଳ ଗୋପବନ୍ଧୁ ଟାଉନ୍ ହଲ ସମ୍ମୁଖରେ ଉଲ୍ଲସିତ ଦଳୀୟ କର୍ମୀ।

## ସଂକ୍ଷେପରେ

### କୂଅରେ ବୁଡ଼ି ଛାତ୍ର ମୃତ୍ୟୁ ଘଟଣା: ପ୍ରଧାନ ଶିକ୍ଷକ ନିଲମ୍ବିତ

**ରାସୋଳ, ୮।୧୨(ଡି.ଏନ୍.ଏ.):** ହିନ୍ଦୋଳ ବ୍ଲକ ରାସୋଳ ଥାନା ବରମ୍ପୁର ବରସାହିର ବାବୁଲା ଦେହୁରୀଙ୍କ ପୁଅ ତଥା ଦ୍ୱିତୀୟ ଶ୍ରେଣୀ ଛାତ୍ର ବିଷ୍ଣୁ ଦେହୁରୀ (୯) ଗତ ମଙ୍ଗଳବାର ଶୌଚ ହେବାକୁ ଯାଇଥିବାବେଳେ କୂଅରେ ବୁଡ଼ିଯାଇ ମୃତ୍ୟୁ ଘଟିଥିଲା। ସ୍କୁଲ ସମୟରେ ଛାତ୍ରଙ୍କୁ ଶୌଚ ହେବାକୁ ଅସୁରକ୍ଷିତ ଭାବେ ବିଦ୍ୟାଳୟ ବାହାରକୁ ଛାଡ଼ିବା କାରଣରୁ ଏଭଳି ଅଘଟଣ ଘଟିଲା ବୋଲି ପରିବାର ଲୋକେ ଅଭିଯୋଗ କରିଥିଲେ। ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ଗୁରୁତ୍ୱର ସହ ନେଇଛି ଶିକ୍ଷା ବିଭାଗ। ବିଇଓ ଶାନ୍ତନୁ ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଦ୍ୱୈତ ସାମଲଙ୍କୁ ନିଲମ୍ବିତ କରାଯାଇଛି। ସ୍କୁଲରେ ପିଲାଙ୍କ ସୁରକ୍ଷା ଦାୟିତ୍ୱ ଶିକ୍ଷୟିତ୍ରୀଶିକ୍ଷକଙ୍କର। ସାମାନ୍ୟ ଅବହେଳାରୁ ଏଭଳି ଦୁଃଖଦ ଘଟଣା ଘଟିଲା। ଏଥିଲାଗି ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବିଇଓ କହିଛନ୍ତି।

### ଅବକାରୀ ଚଢ଼ାଉ, ୬ ଗିରଫ



**ଢେଙ୍କାନାଳ ଅଫିସ, ୮।୧୨:** ଢେଙ୍କାନାଳ ଜିଲା ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୧୭୫ ଲିଟର ଚୋରା ଦେଶୀ ମଦ ଓ ୧ କିଗ୍ରା ୨୦୦ ଗ୍ରାମ୍ ଗଞ୍ଜେଇ ଜବତ କରାଯାଇଛି। ୬ ଜଣ ଗିରଫ ହୋଇଛନ୍ତି। ମୋଟଙ୍ଗା ଥାନା ବଦାଲୋ ଅଞ୍ଚଳରୁ ଗଞ୍ଜେଇ ସହ ଅମିୟ କୁମାର ବେହେରା ଧରାପଡ଼ିଛନ୍ତି। ସେହିପରି ଚୋରା ମଦ କାରବାର ଅଭିଯୋଗରେ ସଙ୍ଗୀତ ଦେହୁରୀ, ଅଭୟ ମଲ୍ଲିକ, ଅନିରୁଦ୍ଧ ନାଥ, ଅଭୟ ମଲ୍ଲିକ, ଶୀତବାସ ପ୍ରଧାନ, ରାମଚନ୍ଦ୍ର ସାମଲଙ୍କୁ ଗିରଫ କରାଯାଇଛି। ଜିଲାପାଳ ସରୋଜ କୁମାର ସେଠୀଙ୍କ ନିର୍ଦ୍ଦେଶ ଏବଂ ଜିଲା ଅବକାରୀ ଅଧୀକ୍ଷକ ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ହିନ୍ଦୋଳ ବ୍ଲକ ଠୋକର, ମଝିପାଳ, ଝାରଦା, କୁସିଦା, ମକୁନ୍ଦପୁର ଗ୍ରାମରେ ଚଢ଼ାଉ କରାଯାଇଥିଲା।

### ଅନନ୍ତ ଶ୍ରୀକ୍ଷେତ୍ର ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଢେଙ୍କାନାଳ ଅଫିସ, ୮।୧୨:** ଓଡ଼ାପଡ଼ା ବ୍ଲକ ବଦାଲୋ ପଞ୍ଚାୟତ ଘୋଡ଼ାଡ଼ିଆଁ ଗ୍ରାମରେ ନବନିର୍ମିତ ଅନନ୍ତ ଶ୍ରୀକ୍ଷେତ୍ର ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଶତାଧିକ ମହିଳା ଶ୍ରଦ୍ଧାଳୁ ଏକ ଶୋଭାଯାତ୍ରାରେ ସରପା ଜୋରରୁ ଜଳପୂର୍ଣ୍ଣ କଳସ ଆଣି ଯଜ୍ଞସ୍ଥଳରେ ସ୍ଥାପନ କରିଥିଲେ। ଶୁକ୍ରବାର ଠାକୁରଙ୍କୁ ସୁସଜ୍ଜିତ ବିମାନରେ ନଗର ପରିକ୍ରମା କରାଯାଇ ମନ୍ଦିର ପ୍ରବେଶ କରାଯାଇଥିଲା। ଅପରାହ୍ନରେ ଯଜ୍ଞ ପୂର୍ଣ୍ଣାହୁତି ହୋଇଥିଲା। ଆଖାପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ପ୍ରସାଦ ସେବନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଅନନ୍ତ ଶ୍ରୀକ୍ଷେତ୍ର ମନ୍ଦିର କମିଟିର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଜିଲାପାଳ ସରୋଜ କୁମାର ସେଠୀ ଓ ଅଧିକାରୀମାନେ ପୁଟିପାଳ ଗ୍ରାମକୁ ଚାଲିଚାଲି ଯାଉଛନ୍ତି।



ଅଧିକାରୀଙ୍କ ଉପସ୍ଥିତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଛି।

# ଜୁଆଙ୍ଗଙ୍କ ବିକାଶ ପାଇଁ ଯୋଜନା

**ଢେଙ୍କାନାଳ ଅଫିସ, ୮।୧୨**

- ଅପହଞ୍ଚ ପୁଟିପାଳରେ ପ୍ରଶାସନର ସମୀକ୍ଷା
- ୧୭ରେ କାମାକ୍ଷାନଗରରେ ସଚେତନତା ମେଳା
- ଖୋଲାଯିବ ସ୍ୱତନ୍ତ୍ର କାର୍ଯ୍ୟାଳୟ

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକର ଜୁଆଙ୍ଗ ବହୁଳ ଦୁର୍ଗମ ପୁଟିପାଳ ଅଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ଅଣ୍ଟା ଭିଡ଼ିଛି ପ୍ରଶାସନ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଗୁରୁବାର ଜିଲାପାଳ ସରୋଜ କୁମାର ସେଠୀଙ୍କ ସମେତ ଜିଲା ଓ ବ୍ଲକ ପ୍ରଶାସନର ପଦସ୍ଥ ଅଧିକାରୀ ଗ୍ରାମରେ ପହଞ୍ଚି ଲୋକଙ୍କ ସମସ୍ୟା ବୁଝିଛନ୍ତି। ଜୁଆଙ୍ଗ ଜନଜାତିର କଲ୍ୟାଣ ପାଇଁ ସେଠାରେ ସ୍ୱତନ୍ତ୍ର କାର୍ଯ୍ୟାଳୟ ଖୋଲାଯିବ। ସେମାନଙ୍କୁ ହାତପାଆନ୍ତାରେ ସମସ୍ତ ମୌଳିକ ସୁବିଧା ଯୋଗାଇ ଦିଆଯିବ। ଜୁଆଙ୍ଗ ଜନଜାତିକୁ ସଚେତନ କରିବା ଉଦ୍ଦେଶ୍ୟରେ ଆସନ୍ତା ୧୭ ତାରିଖରେ କାମାକ୍ଷାନଗରରେ ଏକ ମେଳା ଅନୁଷ୍ଠିତ ହେବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

ଗ୍ରାମବାସୀ ଭୋଗୁଥିବା ସମସ୍ୟା ସମ୍ପର୍କରେ ଜିଲାପାଳ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଅଞ୍ଚଳବାସୀଙ୍କୁ ରୋଗରୁ ରକ୍ଷା ଲାଗି ସେମାନଙ୍କ ସ୍ୱାସ୍ଥ୍ୟପ୍ରତି ବିଶେଷ ଧ୍ୟାନ ଦିଆଯାଉଛି। ପିଲାମାନଙ୍କ ଶିକ୍ଷାଦାନ ଲାଗି ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ଅପହଞ୍ଚ ଅଞ୍ଚଳରେ ଉନ୍ନୟନ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉଛି। ଫଳରେ ପୁଟିପାଳ ଗ୍ରାମର ୩୦ ପିଲା ଶିକ୍ଷାପ୍ରତି ଆଗ୍ରହୀ ହୋଇ ପ୍ରାଥମିକ ବିଦ୍ୟାଳୟରେ ଭର୍ତ୍ତି ହୋଇଛନ୍ତି। ସୋଲାର ବ୍ୟବସ୍ଥା ଦ୍ୱାରା ୫ଟି ଷ୍ଟାଣ୍ଡପୋଷ୍ଟ କରାଯାଇ ପାନୀୟଜଳ ଯୋଗାଣ କରାଯାଉଛି। ଜୀବନ ଜୀବିକାରେ ଉନ୍ନତି ଆଣିବା ପାଇଁ କୁକୁଡ଼ା ଚାଷ ନିମନ୍ତେ ଚିଆଁ ଯୋଗାଇ ଦିଆଯାଉଛି। ମା' ଓ ଶିଶୁଙ୍କୁ ପୁଷ୍ଟିସାଧନ ପାଇଁ ମମତା ଯୋଜନା କାର୍ଯ୍ୟକାରୀ ହେଉଛି। ଅଞ୍ଚଳର ବିକାଶ ପାଇଁ ଦୁଇଟି ଏସ୍ଏଚ୍ଜି କାର୍ଯ୍ୟ କରୁଛି। ଯଥାଶୀଘ୍ର ପୁଟିପାଳ ଗ୍ରାମ ରାସ୍ତାରେ ୩୫ ଲକ୍ଷ ଟଙ୍କା ବ୍ୟୟରେ ଦୁଇଟି ପୋଲ ନିର୍ମାଣ କରାଯିବ। ଛେଳି ଚାଷ ପାଇଁ ଆବଶ୍ୟକ ପ୍ରଶିକ୍ଷଣ ସହ ଛେଳି ଯୋଗାଇ ଦିଆଯିବ। ବିରି, ମୁଗ, ପରିବା, ମାଣ୍ଡିଆ ଚାଷ ଲାଗି ପ୍ରୋତ୍ସାହିତ କରାଯିବ। ଆର୍ଥିକ ବିକାଶ ନିମନ୍ତେ ବ୍ୟାଙ୍କ ଋଣ ପ୍ରଦାନ ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ କହିଛନ୍ତି।

ଏହି ଉପଲକ୍ଷେ ସାମାଜିକ ସୁରକ୍ଷା ପ୍ରଦାନ ନିମନ୍ତେ ଓଡ଼ିଶା କୋଠାବାଡ଼ି ନିର୍ମାଣ ଶ୍ରମିକ ବୋର୍ଡରେ ୩୫ ଜଣଙ୍କୁ ଅନ୍ତର୍ଭୁକ୍ତ କରାଇ ଲେବର କାର୍ଡ ଓ ଜାତିଗତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଛେଳି ବିକ୍ରି ନିମନ୍ତେ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଓଜନ ମେଶିନ ପ୍ରଦାନ କରାଯାଇଛି। ଲେବର କାର୍ଡ ଦ୍ୱାରା ଶ୍ରମିକଙ୍କ ଝିଅ ବାହାଘର ପାଇଁ ୫୦ ହଜାର ଟଙ୍କା ସହାୟତା ବ୍ୟବସ୍ଥା ରହିଛି। ୬୦ବର୍ଷ ମଧ୍ୟରେ ମୃତ୍ୟୁ ଘଟିଲେ ମୃତକଙ୍କ ପରିବାରକୁ ୨ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବ। ଭୋଟର ତାଲିକାଭୁକ୍ତ ହୋଇଥିବା ୪ ଜଣଙ୍କୁ ଖୁବ୍‌ଶୀଘ୍ର ଏଥିରେ ଅନ୍ତର୍ଭୁକ୍ତ କରାଯିବ ବୋଲି ସୂଚନା ଦିଆଯାଇଛି। ଅଧିକାରୀଙ୍କ ଉପସ୍ଥିତିରେ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆବଶ୍ୟକ ଔଷଧ ପ୍ରଦାନ କରାଯାଇଥିଲା। ଝିଅଙ୍କୁ ୧୮ବର୍ଷ ବୟସ ପରେ ବିବାହ କରିବା ଏବଂ ସନ୍ତାନ ଜନ୍ମ ପାଇଁ ଅନ୍ୟୂନ ୩ରୁ ୪ ବର୍ଷ ବ୍ୟବଧାନ ରଖିବା ପାଇଁ ପରାମର୍ଶ ଦିଆଯାଇଥିଲା। ଗ୍ରାମବାସୀଙ୍କ ନୃତ୍ୟସଙ୍ଗୀତ ପ୍ରତି ଥିବା ଆଗ୍ରହକୁ ଦେଖି ଜିଲାପାଳ ଦୁଇଟି ଚାଙ୍ଗୁ ବାଦ୍ୟ ପ୍ରଦାନ କରିଥିଲେ। ଗ୍ରାମବାସୀ ଚାଙ୍ଗୁବାଜାର ତାଳେତାଳେ ନୃତ୍ୟ କରି ପରିବେଷଣ କରିଥିଲେ।

ଜିଲା ବନଖଣ୍ଡ ଅଧିକାରୀ ଡ. ପ୍ରକାଶଚାନ୍ଦ ଗୋଗିନେନି, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତନ୍ମୟ କୁମାର ଦରୱାନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ, କାମାକ୍ଷାନଗର ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, କଙ୍କଡ଼ାହାଡ଼ ବିଡିଓ ଦୁର୍ଗା ଚରଣ ମଲ୍ଲିକ, ବ୍ଲକ ଅଧକ୍ଷା ଚାରୁଲତା ମିଶ୍ର, କାନ୍ତୋଲ ସରପଞ୍ଚ କାମିନୀ ଦେହୁରୀ ପ୍ରମୁଖ ପୁଟିପାଳ ଗସ୍ତରେ ସାମିଲ ହୋଇଥିଲେ।

## ଅବ୍ୟବସ୍ଥାକୁ ନେଇ ଉଦ୍‌ବେଗ



ପ୍ରଥମ ପରିଚାଳନା ବୈଠକରେ ଉପସ୍ଥିତ ଅତିଥିବୃନ୍ଦ।

**ଭୁବନ, ୮।୧୨(ଡି.ଏନ୍.ଏ.)**

**ଓଏଭିର ପ୍ରଥମ ପରିଚାଳନା ବୈଠକ**

ଢେଙ୍କାନାଳ ଜିଲା ଭୁବନ ବ୍ଲକ ପୁରୁଷୋତ୍ତମପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି)ର ପ୍ରଥମ ପରିଚାଳନା ବୈଠକ ଶୁକ୍ରବାର ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ସମସ୍ତ ସମସ୍ୟା ଉପରେ ଆଲୋଚନା କରିଥିଲେ। ଶିକ୍ଷାଦାନଠାରୁ ଆରମ୍ଭ କରି ଉନ୍ନୟନମୂଳକ କାର୍ଯ୍ୟରେ ଲାଗି ରହିଥିବା ଅବ୍ୟବସ୍ଥାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା।

ନୂତନ କରି ପ୍ରତିଷ୍ଠିତ ଏହି ଶିକ୍ଷାନୁଷ୍ଠାନରେ ଆବଶ୍ୟକ ସଂଖ୍ୟକ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇନାହିଁ। ଉନ୍ନୟନମୂଳକ କାର୍ଯ୍ୟରେ ଅହେତୁକ ବିଳମ୍ବ ହେଉଛି। ଏକାଡେମିକ୍ ଗୃହ ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଛି। ସ୍ଥାୟୀ ବିଦ୍ୟୁତ୍ ସଂଯୋଗ ଦିଆଯାଇନାହିଁ। ମଧ୍ୟାହ୍ନ ଭୋଜନ ରାନ୍ଧିବା ପାଇଁ ରୋଷେୟାଙ୍କୁ ନିଯୁକ୍ତି ଦିଆଯାଇନାହିଁ। ଏଭଳି ଅବ୍ୟବସ୍ଥା ଯୋଗୁ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଥିବା ମତପ୍ରକାଶ ପାଇଥିଲା। ସରକାରୀ ନିୟମ ଆଧାରରେ ଛାତ୍ରୀଛାତ୍ରଙ୍କୁ ପାଠପଢ଼ା ସହ ଅନ୍ୟ ବିଷୟରେ ଶିକ୍ଷାଦାନ କରିବାକୁ ଗୁରୁତ୍ୱ ପ୍ରଦାନ କରାଯାଇଛି। ବିଇଓ ରୁଦ୍ରନାରାୟଣ ସାମଲ, ସିଆରସିସି ରାଜଲକ୍ଷ୍ମୀ ଟୁଡୁ ଶିକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ। ବାଜି ରାଉତ କଲେଜ ଦର୍ଶନ ବିଭାଗ ଅଧ୍ୟାପିକା ଡ. ଶ୍ରାବଣୀ ଅଞ୍ଜନା, ଉଦ୍ଭିଦ ବିଜ୍ଞାନ ଅଧ୍ୟାପିକା ସ୍ମରଣିକା ମାଣିଆ ଶିକ୍ଷାର ମାନବୃଦ୍ଧି, ନୂତନ ଶିକ୍ଷା ପଦ୍ଧତି ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷାବିତ୍ ହୃଷୀକେଶ ସାହୁ କହିଲେ, ନୂତନ ଶିକ୍ଷକ ନିଯୁକ୍ତି ଏବଂ ଅତିଥି ଶିକ୍ଷକ ନିଯୁକ୍ତି ଦେଲେ ଶିକ୍ଷାଦାନ ସମସ୍ୟାର ସମାଧାନ ହୋଇପାରିବ।

## ରାଧାନାଥଙ୍କ ଜୟନ୍ତୀ ପାଳିତ

**ଢେଙ୍କାନାଳ ଅଫିସ, ୮।୧୨**

ଡ. ରାଧାନାଥ ଫାଉଣ୍ଡେଶନ ଟ୍ରଷ୍ଟ ଓ ଉତ୍ଫୁନା ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଢେଙ୍କାନାଳ ରଥଗଡ଼ାଠାରେ ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଉତ୍ଫୁନାର ରାଜ୍ୟ ସଭାପତି ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଶ୍ୟାମସୁନ୍ଦର ପଣ୍ଡା ଯୋଗଦେଇ କହିଲେ, ଡ. ରାଧାନାଥ ରଥ ଥିଲେ ଗଣମାଧ୍ୟମ ଜଗତର ପିତାମହ। ରାଜନୀତି, ପ୍ରଶାସନିକ କ୍ଷେତ୍ରରେ ଅଗାଧ ଜ୍ଞାନ ତାଙ୍କୁ ଯୋଗଜନ୍ମା ଭାବେ ଆଖ୍ୟାୟିତ କରିଛି ବୋଲି ମତପ୍ରକାଶ ପାଇଥିଲା। ମୁଖ୍ୟବକ୍ତା ପ୍ରଫେସର ବିଶ୍ୱନାଥ ମହାପାତ୍ର କହିଲେ, ରାଧାନାଥ ଲେଖନୀ ମାଧ୍ୟମରେ ସରକାରଙ୍କୁ ଗଠନମୂଳକ ପରାମର୍ଶ ଦେଉଥିଲେ। ସାହିତ୍ୟ ଏକାଡେମୀ ସଦସ୍ୟ କବି ବାହାଦୁର ପାଟସାହାଣୀ, ସାମାଜିକ କର୍ମୀ ରୁଦ୍ର ପ୍ରକାଶ ଶରଣ, ଡମ୍ବରୁଧର ପଣ୍ଡା, ସରୋଜ ଶତପଥୀ, ପ୍ରିୟଙ୍କା ପଣ୍ଡା, ଅବିନାଶ ଦାସ, ଉପେନ୍ଦ୍ର ରାଉତ, ଡ. ଶ୍ରୀନିବାସ ହୋତା, ପ୍ରଫେସର ଦିଲୀପ ନନ୍ଦ, ଶିକ୍ଷାବିତ୍ ଡ. ସମୀର ସାହୁ, ଡ. ପ୍ରଦ୍ୟୋତ ବେହେରା ପ୍ରମୁଖ ରାଧାନାଥଙ୍କ ସ୍ମୃତିଚାରଣ କରିଥିଲେ। ବିଚିତ୍ରାନନ୍ଦ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଭାଗନେବେ ୩୦୦ ପ୍ରତିଯୋଗୀ




**ଢେଙ୍କାନାଳ ଅଫିସ, ୮।୧୨**

**ଆଜିଠାରୁ ୪ର୍ଥ ରାଜ୍ୟ ଆଦିବାସୀ ତୀରନ୍ଦାଜୀ ପ୍ରତିଯୋଗିତା**

ଢେଙ୍କାନାଳ ଷ୍ଟାଡିୟମ୍‌ଠାରେ ଶୁକ୍ରବାରଠାରୁ ଆରମ୍ଭ ହେଉଛି ୪ର୍ଥ ରାଜ୍ୟ ଆଦିବାସୀ ତୀରନ୍ଦାଜୀ ପ୍ରତିଯୋଗିତା। ଜିଲା ତୀରନ୍ଦାଜ ସଂଘ, ଜିଲା କ୍ରୀଡ଼ା ବିଭାଗ ଏବଂ ରାଜ୍ୟ ତୀରନ୍ଦାଜ ସଂଘର ମିଳିତ ସହଯୋଗରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ୩୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏଥିଲାଗି ପ୍ରସ୍ତୁତି ଶେଷ ହୋଇଛି। ରାଜ୍ୟ ତୀରନ୍ଦାଜ ସଂଘ ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଦାସଙ୍କ ନେତୃତ୍ୱରେ ଏକ ଟେକ୍ନିକାଲ ଟିମ୍ ଷ୍ଟାଡିୟମ୍‌ରେ ଚୂଡ଼ାନ୍ତ ସମୀକ୍ଷା କରିଛନ୍ତି।

ପ୍ରତିଯୋଗିତାରେ ଢେଙ୍କାନାଳ, ବଲାଙ୍ଗୀର, ବୌଦ୍ଧ, ଗଞ୍ଜାମ, ସମ୍ବଲପୁର, କିସ୍ ସ୍ପୋର୍ଟସ୍ ହଷ୍ଟେଲ, କୋରାପୁଟ, କଳାହାଣ୍ଡି, ନୂଆପଡ଼ା, ମୟୂରଭଞ୍ଜ, କୋରାପୁଟ ହାଲ୍, ସୁନ୍ଦରଗଡ଼ ଓ ସ୍ପୋର୍ଟସ ହଷ୍ଟେଲ୍ ଅଂଶଗ୍ରହଣ କରିଛନ୍ତି। ଇଣ୍ଡିଆନ, ରିକର, କମ୍ପାଉଣ୍ଡ ଆଦି ୩ଟି ରାଉଣ୍ଡରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ମିନି, ସବ୍‌ଜୁନିୟର, ଜୁନିୟର, ସିନିୟର ବିଭାଗରେ ଉଭୟ ବାଳିକା ଓ ବାଳକ ବର୍ଗର କ୍ରୀଡ଼ାବିତ୍ ଦକ୍ଷତା ଦେଖାଇବେ। ଶୁକ୍ରବାର ଅପରାହ୍ନ ୩ଟାରେ ଏହାର ଉଦ୍‌ଘାଟନୀ ସମାରୋହ ଧାର୍ଯ୍ୟ କରାଯାଇଛି। ସେହିପରି ୧୧ ତାରିଖରେ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହେବ। ଆୟୋଜନ କମିଟି ଅଧ୍ୟକ୍ଷ ଜିଲାପାଳ ସରୋଜ କୁମାର ସେଠୀ, ଉପାଧ୍ୟକ୍ଷ ରାଜକିଶୋର ବେହେରା, ଜିଲା ସଂଘ ସଭାପତି ନବୀନଚନ୍ଦ୍ର ନାରାୟଣ ଦାସ, କାର୍ଯ୍ୟକାରୀ ସଭାପତି ପ୍ରସନ୍ନ କୁମାର ପଟ୍ଟନାୟକ, ସମ୍ପାଦକ ଅମୀୟ ଚାନ୍ଦ, ଉପସଭାପତି ଶିବସାଇ ମହାପାତ୍ର, ସୁବାସିନୀ ମହାକୁଡ, ପ୍ରତାପ ବରାଳ, ସରୋଜ ପାଢ଼ୀ ଓ ଟଙ୍କଧର ବେହେରା ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳ କରିବା ଲାଗି ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

# ବ୍ରାହ୍ମଣୀ କଇଁଛଙ୍କ ସୁରକ୍ଷା ଚିନ୍ତା



ସଚେତନତା କାର୍ଯ୍ୟକ୍ରମରେ ବନ ବିଭାଗ ଅଧିକାରୀଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୮।୧୨**

**ଆବାସସ୍ଥଳୀ ହେବ ଇକୋ-ସେନ୍‌ସିଟିଭ୍ ଜୋନ୍**

ଢେଙ୍କାନାଳ ଜିଲା ଷଡ଼ଙ୍ଗୀ ଫରେଷ୍ଟ ରେଞ୍ଜ୍ ପକ୍ଷରୁ ବଣସିଂହ ପଞ୍ଚାୟତସ୍ଥିତ ସ୍ୱେଚ୍ଛାସେବୀ ସଙ୍ଗଠନ 'ଇଡିଅଟ୍' ସଭାଗୃହରେ ବ୍ରାହ୍ମଣୀ କଇଁଛଙ୍କ ସୁରକ୍ଷା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ଫରେଷ୍ଟ ଡିଭିଜନର ବାୟୋଲୋଜିଷ୍ଟ ସ୍ୱରୂପ ଫୁଲ୍‌ଟନ୍ ଏବଂ ଯୋରନ୍ଦା ସେକ୍ସନ ଫରେଷ୍ଟର ମଧୁସ୍ମିତା ପତି ଯୋଗଦେଇଥିଲେ। ବ୍ରାହ୍ମଣୀ ନଦୀରେ ପୂର୍ବରୁ ୭ ପ୍ରଜାତିର ମଧୁର ଜଳ କଇଁଛ ଦେଖାଯାଉଥିଲେ। ଏବେ ମାତ୍ର ୬ ପ୍ରକାର କଇଁଛ ଅଛନ୍ତି। ସଦର ବ୍ଲକର ନୂଆପଡ଼ା, ବଣସିଂହ, ଶଙ୍କରପୁର ଏବଂ ଭୂଇଁପୁର ନିକଟ ନଦୀପଠାରେ ସେମାନେ ବସବାସ କରୁଛନ୍ତି। କଇଁଛଙ୍କ ଆବାସସ୍ଥଳୀକୁ ଇକୋ-ସେନ୍‌ସିଟିଭ୍ ଜୋନ୍ କରାଯିବ। ଉକ୍ତ ସ୍ଥାନଗୁଡ଼ିକୁ ନିଷିଦ୍ଧାଞ୍ଚଳ ଭାବେ ଘୋଷଣା ହେବ। କଇଁଛଙ୍କ ସୁରକ୍ଷା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଯଥାସାଧ୍ୟ ଉଦ୍ୟମ କରିବାକୁ ବନ ବିଭାଗ ପକ୍ଷରୁ ନିବେଦନ କରାଯାଇଛି। ଯାଦୁକର ବିମଳେନ୍ଦୁ ବିଶ୍ୱାଳ ମ୍ୟାଜିକ୍ ମାଧ୍ୟମରେ ଜୀବଜନ୍ତୁଙ୍କ ସୁରକ୍ଷା ବାର୍ତ୍ତା ବାଣ୍ଟିଥିଲେ।

ଏହି ଉପଲକ୍ଷେ ଶଙ୍କରପୁର ଗ୍ରାମ ନିକଟ ବ୍ରାହ୍ମଣୀ ନଦୀ କୂଳରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ନଦୀରୁ ମାଛ ମାରିବା ଲାଗି ବିସ୍ଫୋରକ ବ୍ୟବହାର, ମାତ୍ରାଧିକ ବାଲି ଉତ୍ତୋଳନ କଇଁଛଙ୍କ ପ୍ରାକୃତିକ ଆବାସକୁ କ୍ଷତି ପହଞ୍ଚାଉଛି। ଏଥିଲାଗି ଯତ୍ନବାନ ହେବାକୁ ବନ ବିଭାଗ ପକ୍ଷରୁ ଗ୍ରାମବାସୀଙ୍କୁ ଅନୁରୋଧ କରାଯାଇଛି। ସାମାଜିକ କର୍ମୀ ଶିଶିର ଶତପଥୀ, 'ଇଡିଅଟ୍'ର ସଦସ୍ୟ ସରୋଜ ଶତପଥୀ, ହାତୀ ସ୍କ୍ୱାଡ୍ କର୍ମଚାରୀ ଉପସ୍ଥିତ ଥିଲେ।

# ସାମିଲ ହେଲେ ୪୦୦୦ ଶ୍ରଦ୍ଧାଳୁ



ମଧୁସୂଦନ କ୍ଲବ ପଡ଼ିଆରେ ଶ୍ରଦ୍ଧାଳୁମାନେ ପ୍ରସାଦସେବନ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୮।୧୨**

- ଗଣେଶ ବଜାର ପୂଜା ପ୍ରତିଷ୍ଠାନର ଅନନ୍ୟ ପରମ୍ପରା
- ମାର୍ଗଶିର ଶେଷ ଗୁରୁବାରରେ ସାମୂହିକ ଅନ୍ନପ୍ରସାଦ ସେବନ

ପାଖାପାଖି ଦୁଇମାସ ହେଲା ଶେଷହେଲାଣି ଢେଙ୍କାନାଳର ଗଣପର୍ବ ପ୍ରସିଦ୍ଧ ଲକ୍ଷ୍ମୀପୂଜା। ହେଲେ ସହରବାସୀଙ୍କ ମା'ଙ୍କ ପ୍ରତି ରହିଥିବା ଭକ୍ତିଭାବ ସାମାନ୍ୟ ଊଣା ହୋଇନି କି ଧନଦାତ୍ରୀଙ୍କୁ ନେଇ ବର୍ଷ ବର୍ଷ ଧରି ଚାଲି ଆସିଥିବା ଅନନ୍ୟ ପରମ୍ପରାରେ ସାମାନ୍ୟ ବ୍ୟତିକ୍ରମ ହୋଇନାହିଁ। ମାର୍ଗଶିର ଶେଷ ଗୁରୁବାର ଉପଲକ୍ଷେ ଗଣେଶ ବଜାର ପୂଜା ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ ହୋଇଛି ସାମୂହିକ ପ୍ରସାଦ ସେବନ। କମିଟି ପକ୍ଷରୁ ଦୀର୍ଘ ୭୧ବର୍ଷ ଧରି ଆୟୋଜିତ ହୋଇ ଆସୁଥିବା ଏହି କାର୍ଯ୍ୟକ୍ରମରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସାମିଲ ହୋଇଥିଲେ ୪,୦୦୦ରୁ ଊର୍ଦ୍ଧ୍ୱ ସହରବାସୀ।

ଗଣେଶ ବଜାର ପୂଜା କମିଟି ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ମଧୁସୂଦନ କ୍ଲବ ପଡ଼ିଆରେ ଏଥିଲାଗି ସମସ୍ତ ଆୟୋଜନ କରାଯାଇଥିଲା। ଅନ୍ନ, ଡାଲମା, ଶାଗ, ବିଲାତି ଖଟା, ପୁଳି ସମେତ ବିଭିନ୍ନ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥିଲା। ସହରର ସମସ୍ତ ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତା, ବୁଦ୍ଧିଜୀବୀ, ଅଞ୍ଚଳବାସୀ, ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା, ପ୍ରଶାସନିକ ଅଧିକାରୀ ଏଥିରେ ସାମିଲ ହୋଇଥିଲେ। କମିଟି ପକ୍ଷରୁ ପୂଜା ମଣ୍ଡପସ୍ଥିତ ମା'ଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ନାମସଂକୀର୍ତ୍ତନର ଆୟୋଜନ କରାଯାଇଥିଲା।

**୭୧ ବର୍ଷର ପରମ୍ପରା**



ଦୀର୍ଘ ୭୧ ବର୍ଷଧରି ଏହି ପରମ୍ପରା ଚାଲିଆସିଛି। ବିନା ବାଛ ବିଚାରରେ ଏହି କାର୍ଯ୍ୟକ୍ରମରେ ସବୁ ସମ୍ପ୍ରଦାୟର ଲୋକେ ସାମିଲ ହୋଇ ଅନ୍ନପ୍ରସାଦ ସେବନ କରିଆନ୍ତି।

-ଶେଖ ହୁସେନ, ଅଧକ୍ଷ

**ଏଭଳି କାର୍ଯ୍ୟକ୍ରମ ନିଆରା**



ମାର୍ଗଶିର ଶେଷ ଗୁରୁବାର ଦିନ ଏଭଳି ପ୍ରସାଦ ସେବନ କାର୍ଯ୍ୟକ୍ରମ ନିଆରା। ଚଳିତ ବର୍ଷ ପ୍ରାୟ ୪,୦୦୦ ଶ୍ରଦ୍ଧାଳୁ ଆନନ୍ଦରେ ପ୍ରସାଦ ସେବନ କରିଛନ୍ତି।

-ବିଶ୍ୱନାଥ ବେହେରା, ସମ୍ପାଦକ

ଧରିତ୍ରୀ
DHARITRI
ଶୁକ୍ରବାର, ୯ ଡିସେମ୍ବର ୨୦୨୨



## ସଂକ୍ଷେପରେ

### ୫ ଲକ୍ଷ ଟଙ୍କା ଲୁଟ୍ ଅଭିଯୋଗ

**ଅନୁଗୋଳ ଅଫିସ, ୮।୧୨:** ଅନୁଗୋଳ ସହରରେ ରହୁଥିବା ସମ୍ପର୍କୀୟଙ୍କୁ ବାହାଘର ଆମନ୍ତ୍ରଣ ପତ୍ର ବାଣ୍ଟିବାକୁ ଆସିଥିବା ଜଣେ ଯୁବକ ଲୁଟ୍‌ର ଶିକାର ହୋଇଛନ୍ତି। ଏ ନେଇ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ନଂ. ୬୫୦/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ଛେଣ୍ଡିପଦା ଥାନା କୋଶଳା ଗ୍ରାମ ଚନ୍ଦନନଗର ଅଞ୍ଚଳର ଭ୍ରମର ବେହେରା ବୁଧବାର ତାଙ୍କ ଗାଡ଼ି (ନଂ. ଓଡି୧୯ ଏଲ-୯୯୯୭)ରେ ଅନୁଗୋଳକୁ ଆସିଥିଲେ। ସେ ସମ୍ପର୍କୀୟଙ୍କ ଘରକୁ କାର୍ଡ ପ୍ରଦାନ କରିବାକୁ ଯାଉଥିବା ବେଳେ କେତେଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇ ଗାଡ଼ିରେ ଥିବା ୫ ଲକ୍ଷ ଟଙ୍କା ନେଇଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଶିଳ୍ପ ସଂସ୍ଥାରୁ ଚୋରି

**ଅନୁଗୋଳ ଅଫିସ, ୮।୧୨:** ଅନୁଗୋଳ ଜିଲା ନିଶା ଥାନା ଅଞ୍ଚଳରେ ଥିବା ଏକ ଶିଳ୍ପ ସଂସ୍ଥାରୁ ଗତ ମଙ୍ଗଳବାର ସନ୍ଧ୍ୟା ସମୟରେ ଚୋରି ହୋଇଛି। ଏ ନେଇ ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ଶିଳ୍ପ ସଂସ୍ଥାର କୋଭିଡ୍ କେୟାର ସେଣ୍ଟରରେ ୱାସିଂ ମେସିନ୍ ଓ ଟିଭି ରହିଥିଲା। ଏହି ସାମଗ୍ରୀ ଚୋରି ହୋଇଥିବା ନେଇ ଶିଳ୍ପ ସଂସ୍ଥାର ମେଡିକାଲ ମ୍ୟାନେଜର ପ୍ରଦୀପ କୁମାର ଦତ୍ତ ଖବର ପାଇଥିଲେ। ଏହାପରେ ସେ ସିସିସିକୁ ଆସି ଯାଞ୍ଚ କରିବା ସମୟରେ ୩ଟି ୱାସିଂ ମେସିନ୍ ଓ ଗୋଟିଏ ଟିଭି ଚୋରି ହୋଇଥିବା ଜାଣି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ମାଡ଼ ମାରି ନେଇଗଲେ ବାଇକ୍

**ଅନୁଗୋଳ ଅଫିସ,୮।୧୨:** ଅନୁଗୋଳ ଜିଲା କୋଲିୟରୀ ଥାନା ଅଞ୍ଚଳରେ ଗୁରୁବାର ସମଲ ଥାନା ଚନ୍ଦ୍ରବିଲର ହରମୋହନ ବେହେରାଙ୍କୁ ମାଡ଼ ମାରି ଜଣେ ଦୁର୍ବୃତ୍ତ ବାଇକ୍ ଓ ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ହରମୋହନଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ହରମୋହନ କୋଲିୟରୀ ଥାନା ଦେଉଳବେଢ଼ାରେ ରହୁଛନ୍ତି। ସନ୍ଧ୍ୟାରେ ସେ ବାହାରକୁ କୌଣସି କାମରେ ଆସିଥିବାବେଳେ ଲୁଟ୍‌ର ଶିକାର ହୋଇଥିବା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

### ୨ ଦିନିଆ କ୍ରୀଡ଼ା ପ୍ରତିଯୋଗିତା

**ତାଳଚେର, ୮।୧୨ (ନି.ପ୍ର.):** ତାଳଚେର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବ୍ରାହ୍ମଣୀ ବିହାର ପରିସରରେ ଶିଶୁ ବାଟିକାର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଉପସଭାପତି ରମେଶ ଚନ୍ଦ୍ର ପ୍ରଧାନ ଓ ସମ୍ପାଦକ ଦୁଃଶାସନ ସାହୁ ଯୋଗଦେଇ ଏହି ଦୁଇ ଦିନିଆ କ୍ରୀଡ଼ା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବା ସହିତ କୁନି କୁନି ଶିଶୁମାନଙ୍କୁ ମାର୍ଗ ଦର୍ଶନ କରିଥିଲେ। ପ୍ରତିଯୋଗିତାରେ ମୋଟ ୩୪ ଛାତ୍ରୀ ଓ ୫୭ ଛାତ୍ର ଭାଗ ନେଇଥିଲେ। ପରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାତଃ ପର୍ଯ୍ୟାୟ ପ୍ରମୁଖ ସୁରେନ୍ଦ୍ର କୁମାର ସାହୁ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଶିଶୁ ବାଟିକା ପ୍ରମୁଖ ସରସ୍ୱିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁ ବାଟିକା ବିଭାଗର ଗୁରୁମା ଗୁରୁଜୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଆଶା ବାନ୍ଧିଛି ଅନ୍ତୁଡ଼ିଶାଳ

- ପିଟିସିରେ ୧୨୬ ଏସ୍‌ଆଇଙ୍କ ପ୍ରଶିକ୍ଷଣ ଶେଷ
- ୧୭ ବର୍ଷ ପରେ ହେବ ପାସିଂ ଆଉଟ ପରେଡ୍
- ଉପସ୍ଥିତ ରହିବେ ପୋଲିସ ଡିଜିଙ୍କ ସହ ଅନେକ ଅଧିକାରୀ

**ଅନୁଗୋଳ ଅଫିସ, ୮।୧୨**



ଅନୁଗୋଳସ୍ଥିତ ପୋଲିସ ଟ୍ରେନିଂ କଲେଜ ପଡିଆ।

ଶେଷହେଲା ଶୃଙ୍ଖଳା ଶିକ୍ଷା। ପଢ଼ାଗଲା ଜନସାଧାରଣଙ୍କ ସହ ସମ୍ପର୍କ ରକ୍ଷାର ପାଠ। ଦିଆଗଲା ଶାରୀରିକ ଭାଷା, ଡ୍ରିଲ୍, ବନ୍ଧୁକ ଚାଳନା ଓ ଆଣ୍ଟି ନକ୍ସଲ ଟ୍ରେନିଂ। ଦୀର୍ଘ ଦେଢ଼ବର୍ଷର ତାଲିମ ପରେ ଏବେ କର୍ମକ୍ଷେତ୍ରକୁ ଓହ୍ଲାଇବେ ୧୨୬ ପୋଲିସ ଏସ୍‌ଆଇ। ଏଥିପାଇଁ ଅନୁଗୋଳସ୍ଥିତ ପୋଲିସ ଟ୍ରେନିଂ କଲେଜ (ପିଟିସି)ରେ ଶୁକ୍ରବାର ହେବ ୬୦ତମ ପାସିଂ ଆଉଟ ପରେଡ୍। ଦୀର୍ଘ ୧୭ ବର୍ଷ ପରେ କରାଯିବ ଏସ୍‌ଆଇ ବ୍ୟାଚ୍‌ର ଦୀକ୍ଷାନ୍ତ ସମାରୋହ। ଏହାକୁ ନେଇ ପିଟିସି ପରିସରରେ ସୃଷ୍ଟି ହୋଇଛି ଭିନ୍ନ ପରିବେଶ। ଦେଶ ମାତୃକାର ସେବା କରିବାକୁ ପ୍ରସ୍ତୁତ ଶତାଧିକ ଏସ୍‌ଆଇଙ୍କୁ ନେଇ ଅନେକ ଆଶା ବାନ୍ଧିଛି ରାଜ୍ୟ ପୋଲିସ ପ୍ରଶିକ୍ଷଣର ଏହି ଅନ୍ତୁଡ଼ିଶାଳ।

ଅନୁଗୋଳ ପୋଲିସ ଟ୍ରେନିଂ କଲେଜ ବା ପିଟିସିର ବେଶ୍ ସୁନାମ ରହିଛି। ପୋଲିସ ପ୍ରଶିକ୍ଷଣ କ୍ଷେତ୍ରରେ ଏହା ଦେଶରେ ସ୍ୱତନ୍ତ୍ର ପରିଚୟ ହାସଲ କରିପାରିଛି। ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀ (ବିପିଏସ୍‌ପିଏ) ସ୍ଥାପନ ପୂର୍ବରୁ ପିଟିସି ଥିଲା ରାଜ୍ୟ ପୋଲିସ ଟ୍ରେନିଂର ଏକମାତ୍ର ସ୍ଥାନ। ସେଥିପାଇଁ ଏହାର ଗୁରୁତ୍ୱ କାହିଁରେ କେତେ। ଅତୀତରେ ପିଟିସି ଗ୍ରାଉଣ୍ଡରେ ରାଜ୍ୟ ଓ ରାଜ୍ୟ ବାହାରର ଅନେକ ଆଇପିଏସ୍ ଅଫିସର ପ୍ରଶିକ୍ଷଣ ନେଇଛନ୍ତି। ତେବେ ୨୦୦୮ରେ ଭୁବନେଶ୍ୱରରେ ବିପିଏସ୍‌ପିଏ ପ୍ରତିଷ୍ଠା ପରେ ଏଠାରେ ଆଉ ସିଧାସଳଖ ପୋଲିସ ଅଧିକାରୀଙ୍କ ପ୍ରଶିକ୍ଷଣ ହୋଇ ନ ଥିଲା। ଏପରି କି ୨୦୦୫ରେ ଶେଷଥର ପାଇଁ ଏଠାରେ ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହୋଇଥିଲା। ତେବେ କନଷ୍ଟେବଲରୁ ପଦୋନ୍ନତି ପାଇ ଏଏସ୍‌ଆଇ ହୋଇଥିବା ଅଧିକାରୀମାନଙ୍କ ପାସିଂ ଆଉଟ୍ ପରେଡ୍ ମଝିରେ ଯାହା କରାଯାଇଥିଲା। ହେଲେ ଦୀର୍ଘବର୍ଷ ପରେ ଏହି ଗ୍ରାଉଣ୍ଡ ପୁଣି ଚଳଚଞ୍ଚଳ ହୋଇଉଠିଛି। ସିଧାସଳଖ ପୋଲିସରେ ଭର୍ତ୍ତି ହୋଇଥିବା ୧୨୬ ଏସ୍‌ଆଇଙ୍କ ପ୍ରଶିକ୍ଷଣ ଏଠାରେ ଶେଷ ହୋଇଛି। ୨୦୨୧ ଜୁନ୍‌ରେ ଏଠାକୁ ଆସିଥିବା ଏହି ଏସ୍‌ଆଇମାନେ ପାସିଂ ଆଉଟ ପରେଡ୍‌ରେ ଭାଗ ନେବାକୁ ଯାଉଥିବାରୁ ପୂରା ପରିସରକୁ ସାଜସଜ୍ଜା କରାଯାଇଛି। ପାଚେରିରେ ପୋଲିସ ବିଭାଗର ବିଭିନ୍ନ ବାର୍ତ୍ତା ସାଙ୍ଗକୁ ନୂଆ ରୂପ ଦିଆଯାଇଛି। ଏହି ସମାରୋହକୁ କିଭଳି ସ୍ମରଣୀୟ କରାଯିବ ସେ ନେଇ ପିଟିସି ଅଧ୍ୟକ୍ଷ ତଥା ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ଜୟ ନାରାୟଣ ପଙ୍କଜ ସମସ୍ତ ବ୍ୟବସ୍ଥା ଶେଷ କରିଛନ୍ତି। ଏହି ସମାରୋହକୁ ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲ, ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ(ଆଇନଶୃଙ୍ଖଳା) ରାଧା କିଶନ୍ ଶର୍ମା, ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀର ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡ଼ଙ୍ଗୀ, ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀର ଆଇଜି(ଟ୍ରେନିଂ) ଏସ୍. ସାଇନି ପ୍ରମୁଖଙ୍କୁ ଆମନ୍ତ୍ରଣ କରାଯାଇଛି। ପିଟିସିର ଅବସରପ୍ରାପ୍ତ ଅଧିକାରୀ, କର୍ମଚାରୀଙ୍କ ସହ ସହରର ମାନ୍ୟଗଣ୍ୟ ବ୍ୟକ୍ତି ଓ ଆଦୃତ ଶିଶୁ ସଦନର ଶିଶୁଙ୍କୁ ମଧ୍ୟ ଡକାଯାଇଛି। ଏଠାରୁ ପ୍ରଶିକ୍ଷଣ ନେଇଥିବା ପୋଲିସ ଏସ୍‌ଆଇମାନେ ନିଶ୍ଚିତ ଭାବେ ସେବାରେ ଉଲ୍ଲେଖନୀୟ ପ୍ରଦର୍ଶନ କରିବେ ବୋଲି ବହୁ ପୂର୍ବତନ ଅଧିକାରୀ ଓ କର୍ମଚାରୀ ଆଶାବାଦୀ ରହିଛନ୍ତି।

### ଆଣ୍ଟି ନକ୍ସଲ ଆଇଡି ପ୍ରଶିକ୍ଷଣ ପ୍ରଦାନ କରାଯାଇଛି



୧୨୬ ଜଣ କ୍ୟାଡେଟ୍ ଏସ୍‌ଆଇ ଏଠାରେ ପ୍ରଶିକ୍ଷଣ ନେଇଛନ୍ତି। ଶୁକ୍ରବାର ସେମାନଙ୍କ ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହେବ। ଏହି କ୍ୟାଡେଟ୍‌ଙ୍କୁ ଆଣ୍ଟି ନକ୍ସଲ ଆଇଡି ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ସେହିଭଳି ପୋଲିସ ବିଭାଗର ପ୍ରତିଟି କାର୍ଯ୍ୟ ସମ୍ପର୍କରେ ତାଲିମ ଦିଆଯାଇଛି। ପାସିଂ ଆଉଟ୍ କ୍ୟାଡେଟ୍‌ମାନେ ଭବିଷ୍ୟତରେ ଜଣେ ଜଣେ ଭଲ ପୋଲିସ ଅଧିକାରୀ ହେବା ସହ ଦେଶ ମାତୃକାର ସେବା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିବେ ବୋଲି ଆଶା ରହିଛି।

**-ଜୟ ନାରାୟଣ ପଙ୍କଜ, ଡିଆଇଜି ତଥା ଅଧ୍ୟକ୍ଷ, ପିଟିସି**

### ପୁରୁଣା ଗୌରବ ଫେରୁ



ଅନୁଗୋଳ ପୋଲିସ ଟ୍ରେନିଂ କଲେଜରେ କନଷ୍ଟେବଲଙ୍କ ଠାରୁ ଆଇପିଏସ୍‌ଙ୍କ ଯାଏ ପ୍ରଶିକ୍ଷଣ ନେଉଥିଲେ। କିନ୍ତୁ ବିପିଏସ୍‌ପିଏ ହେବା ପରେ ଏହା ପୂର୍ବପରି ଚର୍ଚ୍ଚାରେ ନ ଥିଲା। ଏହାପରେ କନଷ୍ଟେବଲଙ୍କୁ ଏଠାରେ ପ୍ରଶିକ୍ଷଣ ପ୍ରଦାନ କରାଗଲା। ଏବେ କ୍ୟାଡେଟ୍ ଏସ୍‌ଆଇଙ୍କୁ ତାଲିମ ଦିଆଯାଇଥିବାରୁ ପିଟିସିର ପୁରୁଣା ଗୌରବ ଫେରିବ ବୋଲି ଆଶାବାଦୀ ରହିଛୁ।

**-ପଞ୍ଚାନନ ଦାସ, ପୂର୍ବତନ ଡ୍ରିଲ୍ ଇନ୍ସପେକ୍ଟର, ପିଟିସି**

### ପିଟିସିକୁ ଅଧିକ ପ୍ରସ୍ତୁତ କରାଯାଉଛି



ପିଟିସିର ଇନ୍‌ଡୋର ଓ ଆଉଟ୍‌ଡୋର କ୍ଲାସ ରୁମ୍‌ର ଉନ୍ନତୀକରଣ ହୋଇଛି। ସ୍ମାର୍ଟ କ୍ଲାସ ରୁମ୍ ରହିଥିବା ବେଳେ ଅଧିକ ଉନ୍ନୟନ କାର୍ଯ୍ୟ ଜାରି ରହିଛି। ପୋଲିସ ଅଫିସରମାନଙ୍କୁ ଉତ୍ତମ ପ୍ରଶିକ୍ଷଣ ପ୍ରଦାନ ପାଇଁ ପଟିସିକୁ ଅଧିକ ପ୍ରସ୍ତୁତ କରାଯାଉଛି। ଏହାଦ୍ୱାରା ଏହି ଅନୁଷ୍ଠାନ ପୁରୁଣା ଗୌରବ ଫେରିପାଇପାରିବ।

**-ମନୋଜ କୁମାର ମହାପାତ୍ର, ସାମାଜିକ କର୍ମୀ, ବଇଣ୍ଡା**

### ଦେଶ ସେବା ପାଇଁ ପ୍ରେରଣା ସାଜିବ



ଆଦୃତ ଶିଶୁ ସଦନର ଶିଶୁମାନେ ଏଭଳି ଏକ ସମାରୋହ ପ୍ରଥମ ଥର ପାଇଁ ଦେଖିବେ। ଏତେ ବଡ଼ ଆୟୋଜନରେ ସାମିଲ ସାଙ୍ଗକୁ ଅତି ନିକଟରୁ ପୋଲିସର ସର୍ବୋଚ୍ଚ ଅଧିକାରୀଙ୍କୁ ଦେଖିବାର ସୁଯୋଗ ପାଇବେ। ଏଥିସହ ଶୃଙ୍ଖଳା ଓ ଏକତାବଦ୍ଧ ମଧ୍ୟ ଶିଖିବାକୁ ପାଇବେ। ଆଗାମୀ ଦିନରେ ଦେଶର ସେବା ପାଇଁ ଏହା ସେମାନଙ୍କୁ ପ୍ରେରଣା ଯୋଗାଇବ।

**-ସୁପ୍ରୀତି ମହାନ୍ତି, ସମ୍ପାଦିକା, ଆଦୃତ ଶିଶୁ ସଦନ, ଅନୁଗୋଳ**

## ବିପର୍ଯ୍ୟୟର ମୁକାବିଲା ପାଇଁ ଆହ୍ୱାନ

**ଅନୁଗୋଳ ଅଫିସ, ୮।୧୨**

ଅନୁଗୋଳ ଜିଲା ପରଙ୍ଗସ୍ଥିତ ସେଣ୍ଟେନାରୀ ଟ୍ରାଇବାଲ ଉଚ୍ଚ ବିଦ୍ୟାଳୟଠାରେ ରାସାୟନିକ ଦୁର୍ଘଟଣା ଓ ବିପର୍ଯ୍ୟୟ ମୁକାବିଲା ପାଇଁ ଏକ ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏଥିରେ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ କିମ୍ବା କୌଣସି ଗ୍ୟାସ୍ ଦୁର୍ଘଟଣା ହେଲେ କିଭଳି ମୁକାବିଲା କରାଯାଇପାରିବ ସେ ନେଇ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ। ପ୍ରୋପେନ୍ ଗ୍ୟାସ୍ ଟ୍ୟାଙ୍କର ଦୁର୍ଘଟଣାଗ୍ରସ୍ତ ହୋଇ ଗ୍ୟାସ ନିର୍ଗତ ହେଲେ କିପରି ଏହାର ମୁକାବିଲା କରାଯିବ ସେ ସମ୍ପର୍କରେ ଏନ୍‌ଡିଆର୍‌ଏଫ୍ ଓ ଓଡ୍ରାଫ ଟିମ୍ ପକ୍ଷରୁ ଏକ କୌଶଳ ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ(ସାଧାରଣ) ରଜନୀକାନ୍ତ ସ୍ୱାଇଁ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ତ୍ରିଲୋଚନ ପ୍ରଧାନ, କାରଖାନା ଓ ବାଷ୍ପିତ୍ର ବିଭାଗ ଉପନିର୍ଦ୍ଦେଶକ ରମେଶ କୁମାର ବେହେରା, ସହ ନିର୍ଦ୍ଦେଶକ ଅର୍ଚ୍ଚନା ଦାସ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କ୍ଷେତ୍ରିୟ ଅଧିକାରୀ ଅନନ୍ତ କୁମାର ମଲ୍ଲିକ, ଜିଲା ଆପାତ୍‌କାଳୀନ ଅଧିକାରୀ ଅଜୟ ଗଡ଼ନାୟକ, ନିଶା ଥାନା ଅଧିକାରୀ ପ୍ରିୟବ୍ରତ ଦାସ, ଜିଲା ଶ୍ରମ ଅଧିକାରୀ ଇତିଶ୍ରୀ ଗାଗରାଇ, ସହକାରୀ ଅଗ୍ନିଶମ ଅଧିକାରୀ ଉମାକାନ୍ତ ନାୟକ, ସ୍ଥାନୀୟ ସରପଞ୍ଚ ଶବର ବେହେରାଙ୍କ ସମେତ ରାଷ୍ଟ୍ରୀୟ ଉଦ୍ୟୋଗର ଅଧିକାରୀମାନେ ଉପସ୍ଥିତ ଥିଲେ।



ବିପର୍ଯ୍ୟାୟର ମୁକାବିଲା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଜିଲାପାଳ ବୁଝାଉଛନ୍ତି।

## ସାଇକେଲ ଧକ୍କାରେ ମହିଳା ମୃତ

**ଅନୁଗୋଳ ଅଫିସ, ୮।୧୨**

ଅନୁଗୋଳ ମାଛ ମାର୍କେଟରେ ଗୁରୁବାର ସାଇକେଲ ଧକ୍କାରେ ରେଙ୍ଗାଳି ଥାନା ଭାଲିଆବେଢ଼ା ଅଞ୍ଚଳର ଅର୍ଜୁନ ନାଏକଙ୍କ ସ୍ତ୍ରୀ ମଞ୍ଜୁଶ୍ରୀ ନାଏକ(୪୦)ଙ୍କ ମୃତ୍ୟୁ ହୋଇଛି। ଏ ନେଇ ନାତୁଣୀ ଜ୍ୱାଇଁ କରୁଣାକର ନାଏକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ଅନୁଗୋଳର ଏକ ଘରୋଇ ନର୍ସିଂହୋମ୍‌ରେ ଚିକିତ୍ସିତ ହେଉଥିବା ଜଣେ ସମ୍ପର୍କୀୟଙ୍କୁ ଦେଖିବାକୁ ମଞ୍ଜୁଶ୍ରୀ ଆସିଥିଲେ। ସେଠାରୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅନ୍ୟ ଜଣେ ସମ୍ପର୍କୀୟଙ୍କୁ ଭେଟିବାକୁ ଯାଉଥିବା ସମୟରେ ମାଛ ମାର୍କେଟ ସମ୍ମୁଖରେ ଏକ ସାଇକେଲ ତାଙ୍କୁ ଧକ୍କା ଦେଇଥିଲା। ସେ ତଳେ ପଡ଼ିଯିବା ପରେ ଆସୁଥିବା ଅନ୍ୟ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ସାମିଲ ହେଲେ ୨୦ ହଜାର ଶ୍ରଦ୍ଧାଳୁ



**ଛେଣ୍ଡିପଦା,୮।୧୨(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କରଡାବାହଲ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା'ରକ୍ତମାଉଲୀଙ୍କ ବାର୍ଷିକ ପୂଜା ଗୁରୁବାର ଗ୍ରାମବାସୀଙ୍କ ସହଯୋଗରେ ଶୃଙ୍ଖଳାର ସହ ସମାପନ ହୋଇଛି। ପ୍ରତିବର୍ଷ ପରି ମାର୍ଗଶିର ଶେଷ ଗୁରୁବାରରେ ଅନୁଷ୍ଠିତ ଏହି ପୂଜାରେ ଅନୁଗୋଳ, ତାଳଚେର, ଦେବଗଡ଼ ଓ ପାଲଲହଡା ସମେତ ଆଖପାଖ ଅଞ୍ଚଳର ୨୦ ହଜାରରୁ ଅଧିକ ଭକ୍ତଙ୍କ ସମାଗମ ହୋଇଥିଲା। ସକାଳେ ଗ୍ରାମରୁ ହିଙ୍ଗୁଳା ଠାକୁରାଣୀଙ୍କୁ ଗାଁ ପରିକ୍ରମା କରି ପଟୁଆରରେ ମା'ରକ୍ତ ମାଉଲୀଙ୍କ ପୀଠକୁ ଅଣାଯିବାପରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ହୋଇଥିଲା। ମାନସିକ ପୂରଣ ପାଇଁ ମା'ଙ୍କ ପୀଠରେ ୧୩ ଜଣ ମହିଳା ଅଧିଆ ପଡିଥିବା ଦେଖାଯାଇଥିଲା। ଶତାଧିକ ଶିଶୁଙ୍କ ମୁଣ୍ଡନ କରାଯାଇଥିଲା। ଗ୍ରାମବାସୀଙ୍କ ସହଯୋଗରେ ଭକ୍ତମାନଙ୍କ ପାଇଁ ଅନ୍ନଭୋଗର ବ୍ୟବସ୍ଥା ହୋଇଥିଲା। ସ୍ୱାଗତ କୁମାର ମାଝିଙ୍କ ସହଯୋଗରେ ଥଣ୍ଡା ପାନୀୟ ଜଳ ବଣ୍ଟନ କରାଯାଇଥିଲା। ଗ୍ରାମ ସଭାପତି ରଞ୍ଜନ ପ୍ରଧାନ, ସମ୍ପାଦକ ବନ୍ଧୁ ପ୍ରଧାନ ଓ ପୂଜାର ମୁଖ୍ୟ ରସାନନ୍ଦ ମାଝିଙ୍କ ନେତୃତ୍ୱରେ ଏହା ସମ୍ପାଦିତ ହେଉଥିଲା। ଅନ୍ୟମାନଙ୍କ ମଧ୍ୟରେ ଶାନ୍ତନୁ ପ୍ରଧାନ, ରମେଶ ବାଘ, ବାବୁଲାଲ ପ୍ରଧାନ, ଲିଙ୍କନ ପ୍ରଧାନ, ଖିତ୍ତୁ ମାଝି, ଧର୍ମପଦ ସାହୁ, ବାଲିଆ ସାହୁ, କଷ୍ଟୁ ପ୍ରଧାନ ଓ ହୃଦାନନ୍ଦ ଦେହୁରୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

### ରକ୍ତମାଉଲୀଙ୍କ ବାର୍ଷିକ ପୂଜା

## ଯୋଡ଼ିହେଲେ ୫୬୯୭ ନୂଆ ଭୋଟର

**ଆଠମଲ୍ଲିକ, ୮।୧୨ (ଡି.ଏନ.ଏ.)**

ଅନୁଗୋଳ ଜିଲା ଆଠମଲ୍ଲିକ ନିର୍ବାଚନମଣ୍ଡଳୀ (୬୩)ରେ ଗତ ନଭେମ୍ବର ୯ରୁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଭୋଟର ସଂକ୍ଷିପ୍ତ ସଂଶୋଧନ ୨୦୨୩ କାର୍ଯ୍ୟକ୍ରମ ଗୁରୁବାର ଶେଷ ହୋଇଛି। ଉପଜିଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତରଣୀ ସୁନାଙ୍କ ଅଧ୍ୟକ୍ଷତାରେ ଗୁରୁବାର ପ୍ରଶାସନିକ ଅଧିକାରୀ ଓ ରାଜନୈତିକ ଦଳର ନେତାମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସହକାରୀ ଜିଲାପାଳ କୁଳମଣି ଦଳେଇ ବୈଠକ ପରିଚାଳନା କରିଥିଲେ। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶରେ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମରେ ୫୬୯୭ ଜଣ ନୂତନ ଭୋଟର ନାମ ପଞ୍ଜୀକରଣ କରିଥିଲା ବେଳେ ୫୧୪ ଜଣ ବାଦ ପଡିଛନ୍ତି। ସେହିପରି ୧୭୭୭ ଭୋଟର ନିଜ ନାମ ସଂଶୋଧନ କରିଥିବା ସୂଚନା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଠମଲ୍ଲିକ ତହସିଲଦାର ଯଶୋବନ୍ତ ଦେହୁରୀ, କିଶୋରନଗର ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର, ଆଠମଲ୍ଲିକ ବିଡିଓ ସୌଭାଗ୍ୟ ବେହେରା, କିଶୋରନଗର ବିଡିଓ ବିନୋଦ ବିହାରୀ ବେହେରା, ବିଆର୍‌ସିସି ଛବି ନାରାୟଣ ଶିଠ, ଏନ୍‌ଏସି ଅଧ୍ୟକ୍ଷା ଆଶାକୁମାରୀ ସାହୁ, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ପରେଶ ଦେଓ, ଆଠମଲ୍ଲିକ ବିଧାୟକଙ୍କ ପ୍ରତିନିଧି ନିରଞ୍ଜନ ରଣା, ନଗର କଂଗ୍ରେସ ସଭାପତି କମଳାକାନ୍ତ ପ୍ରଧାନ, ନଗର ବିଜେଡି ସଭାପତି ପ୍ରଦୀପ କୁମାର ଦାସ ପ୍ରମୁଖ ବୈଠକରେ ଭାଗ ନେଇଥିଲେ। ଆସନ୍ତା ଜାନୁୟାରୀ ୫ରେ ସଂଶୋଧିତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ବୈଠକରେ ଅଧିକାରୀମାନେ ପ୍ରକାଶ କରିଥିଲେ। ଶେଷରେ ବୈଠକରେ ଉପସ୍ଥିତ ଥିବା ସହକାରୀ ଜିଲାପାଳ ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ।

## ୧୧ କେଭି ବିଦ୍ୟୁତ୍ ତାରକୁ ନେଇ ଉତ୍ତେଜନା

**ଛେଣ୍ଡିପଦା,୮।୧୨ (ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ସନ୍ତରାବନ୍ଧ ଗ୍ରାମରେ ଛିଣ୍ଡିପଡ଼ିଥିବା ୧୧ କେଭି ବିଦ୍ୟୁତ୍ ତାରକୁ ନେଇ ୨ ଦିନ ହେଲା ଉତ୍ତେଜନା ଦେଖାଦେଇଛି। ଘର ଉପରେ ଯାଇଥିବା ଏହି ହାଇଭୋଲଟେଜ ତାର ଅନ୍ୟତ୍ର ସ୍ଥାନାନ୍ତର ଦାବିରେ ଗ୍ରାମବାସୀ ଅଡ଼ି ବସିଥିବାରୁ ଛିଣ୍ଡିଯାଇଥିବା ତାର ସଂଯୋଗ ହୋଇପାରି ନାହିଁ। ପୋଲିସ ଓ ବିଭାଗୀୟ ଅଧିକାରୀ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରୁଥିଲେ ବି ପରିସ୍ଥିତି ସ୍ୱାଭାବିକ ହୋଇ ନ ଥିବାରୁ ୨ ଦିନ ହେଲା ୧୨ଶହରୁ ଅଧିକ ଉପଭୋକ୍ତା ବିଦ୍ୟୁତ୍ ସେବାରୁ ବଞ୍ଚିତ ରହିଛନ୍ତି।

ପ୍ରକାଶ ଯେ, ସନ୍ତରାବନ୍ଧ ଗ୍ରାମ ଦେଇ ୧୫ଟି ରାଜସ୍ୱ ଗ୍ରାମକୁ ୧୧ କେଭି ବିଦ୍ୟୁତ୍ ତାର ଯାଇଛି। ମଙ୍ଗଳବାର ରାତି ୮ଟା ବେଳେ ସନ୍ତରାବନ୍ଧ ଗ୍ରାମର ମୋହନ ଗଡତିଆଙ୍କ ଘର ଉପର ଦେଇ ଯାଇଥିବା ଏହି ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାର ଛିଣ୍ଡିପଡିଥିଲା। ଖବରପାଇ ରାତିରେ ଟିପିସିଓଡିଏଲର କର୍ମଚାରୀମାନେ ଗାଁରେ ପହଞ୍ଚି ତାର ସଂଯୋଗ ପାଇ ଉଦ୍ୟମ କରିଥିଲେ। ହେଲେ ହରମୋହନଙ୍କ ପରିବାର ଓ ଗ୍ରାମବାସୀ ଏହାକୁ ବିରୋଧ କରିବା ସହିତ ଘର ଉପର ଦେଇଯାଇଥିବା ତାର ସ୍ଥାନାନ୍ତର ପାଇଁ ଦାବି କରିଥିଲେ। ଫଳରେ କର୍ମଚାରୀମାନେ ଫେରିଯାଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ବୁଧବାର ଏସ୍‌ଡିଓ ସିପକ ଦାଶ ଓ କୋଶଳା ଯନ୍ତ୍ରୀ ରୋହିତ କୁମାର ସାହୁ ସନ୍ତରାବନ୍ଧରେ ପହଞ୍ଚି ବୁଝାଶୁଝା କରିଥିଲେ। ଗୁରୁବାର ମଧ୍ୟ ଦୁଇ ଅଧିକାରୀ ଗାଁକୁ ଯାଇଥିଲେ। ପୋଲିସକୁ ଖବର ଦେଇଥିଲେ। ଛେଣ୍ଡିପଦା ଥାନା ଏସ୍‌ଆଇ ରାଜେଶ କୁମାର ଶତପଥୀ ଓ କର୍ମଚାରୀମାନେ ପହଞ୍ଚି ଆଲୋଚନା କରିଥିଲେ। ହେଲେ ଘର ଉପରୁ ତାର ସ୍ଥାନାନ୍ତର ନ କରାଯିବା ପର୍ଯ୍ୟନ୍ତ ସଂଯୋଗ କରାଇ ଦିଆଯିବ ନାହିଁ ବୋଲି ଗ୍ରାମବାସୀ କହିଥିଲେ। ବିଦ୍ୟୁତ୍ ବିଭାଗ ଅଧିକାରୀ ଘର ଉପରେ ଯାଇଥିବା ତାର କେବୁଲ ଭିତରେ ନିଆଯିବ ଓ ଏହାର ଖର୍ଚ୍ଚ ଘର ମାଲିକଙ୍କୁ ବହନ କରିବାକୁ ପଡ଼ିବ ବୋଲି କହିବାରୁ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ତାର ସଂଯୋଗ ହୋଇ ନ ପାରିବାରୁ ସନ୍ତରାବନ୍ଧ ଓ କମ୍ପସଲା ପଞ୍ଚାୟତର ୧୫ରୁ ଉର୍ଦ୍ଧ୍ୱ ରାଜସ୍ୱ ଗ୍ରାମର ପ୍ରାୟ ୧୨୦୦ ଉପଭୋକ୍ତା ଏବେ ବିଦ୍ୟୁତ୍ ସେବାରୁ ବଞ୍ଚିତ ରହିଛନ୍ତି। ତେବେ ସମସ୍ୟା ସମାଧାନରେ ବିଦ୍ୟୁତ୍ ବିଭାଗର ଏହି ବିଫଳତାକୁ ନେଇ ବିଦ୍ୟୁତ୍ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଶୁକ୍ରବାର ଅପରାହ୍ନ ସୁଦ୍ଧା ବିଦ୍ୟୁତ୍ ସଂଯୋଗ ଦିଆ ନ ଗଲେ ଉପଭୋକ୍ତା ମଞ୍ଚ ରାସ୍ତାକୁ ଓହ୍ଲାଇବ ବୋଲି ଆବାହକ ଚୌଧୁରୀ ପ୍ରଧାନ ଚେତାବନୀ ଦେଇଛନ୍ତି।




ପୋଲିସ ଓ ବିଦ୍ୟୁତ୍ ବିଭାଗ ଅଧିକାରୀ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

### ଘର ଉପରେ ତାର ଟଣାଯିବାକୁ ବିରୋଧ

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ବଅଁରପାଳ,୮।୧୨(ଡି.ଏନ.ଏ.)- ନାଲ୍କୋ ଦି କ୍ଲବ୍ ପକ୍ଷରୁ ନାଲ୍କୋ ଷ୍ଟାଡିୟମ୍‌ଠାରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶହେରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କ୍ଲବ ସମ୍ପାଦକ ପ୍ରତାପ ବେହେରା, କ୍ରୀଡା ସମ୍ପାଦକ ପୀୟୂଷ ପତି, ପ୍ରମୋଦ ପ୍ରଧାନ, ସ୍ୱରୂପ ରଞ୍ଜନ ଗଡ଼ନାୟକ, ମନୋଜ ସ୍ୱାଇଁ, ଭବେଶ ସେଠ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ମହିଳାମାନଙ୍କ ମଧ୍ୟରେ ପିଠା ପ୍ରତିଯୋଗିତା, ରଙ୍ଗୋଲି, ମ୍ୟୁଜିକ୍ ଚେୟାର ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ସଂକ୍ଷେପରେ

### ମିଳିତ ଶୃଙ୍ଖଳା ଦଳ ପକ୍ଷରୁ ଚଢ଼ାଉ

**ପାଲଲହଡା,୮।୧୨(ଡି.ଏନ.ଏ):** ପାଲଲହଡା ଉପଖଣ୍ଡର ବିଭିନ୍ନ ସ୍ଥାନରେ ଉପଖଣ୍ଡସ୍ତରୀୟ ମିଳିତ ଶୃଙ୍ଖଳା ଦଳ ପକ୍ଷରୁ ଗୁରୁବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ତହସିଲଦାର ଲମ୍ବୋଦର ମାରାଣ୍ଡିଙ୍କ ନେତୃତ୍ୱରେ ବିଭିନ୍ନ ଢାବା, ଗୋଦାମ ତଥା ଦୋକାନ ବଜାରର ତନଖି କରାଯାଇଥିଲା। ଏକ ପେଟ୍ରୋଲ ପମ୍ପରେ ତନଖି କରାଯାଇ ୫୦ ହଜାର ଟଙ୍କା ଜରିମାନା ସାଙ୍ଗକୁ ଯନ୍ତ୍ରପାତି ସିଲ୍ କରି ଦିଆଯାଇଥିଲା। ସେହିପରି ଦୁଇଟି ସୁନା ଗହଣା ଦୋକାନ ଉପରେ ଚଢ଼ାଉ କରାଯାଇଥିଲା। ଏକ ଗହଣା ଦୋକାନର ଓଜନ ମାପ ଯନ୍ତ୍ର ଭୁଲ ଥିବା ଏବଂ ଓଜନ ବଟକରାକୁ ପଞ୍ଜୀକରଣ କରାଯାଉ ନ ଥିବା ସାଙ୍ଗକୁ ଗ୍ରାହକମାନଙ୍କୁ ଠକୁଥିବା ତଦନ୍ତରୁ ଜଣାପଡିଛି। ଜରିମାନା ବାବଦକୁ ୫ ହଜାର ଟଙ୍କା ପୈଠ ନ କରିବାରୁ ଦୋକାନ ସିଲ୍ କରାଯାଇଥିଲା। ସହକାରୀ ଜିଲାପାଳ ବିକାଶ ସେଠୀ, ଯୋଗାଣ ଅଧିକାରୀ, ପରିମାପ ବିଭାଗ, ଅବକାରୀ ଅଧିକାରୀ ପ୍ରମୁଖ ମିଳିତ ସହଯୋଗରେ ଏହି ଚଢ଼ାଉ କରାଯାଇଥିଲା।

# ୩୩ ଅନ୍ତେବାସୀଙ୍କ ଚକ୍ଷୁ ପରୀକ୍ଷା



ଶିବିରରେ ଅତିଥିଙ୍କ ସହ ପ୍ରଶାସନିକ ଅଧିକାରୀମାନେ।

**ଅନୁଗୋଳ ଅଫିସ,୮।୧୨**

ଅନୁଗୋଳ ଜିଲା ଆଇନସେବା ପ୍ରାଧିକରଣ ଏବଂ ଲାୟନ୍ସ ଭୂମିକା ଚିକିତ୍ସାଳୟର ମିଳିତ ସହଯୋଗରେ ଜିଲା କାରାଗାର ପରିସରରେ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଲାୟନ୍ସ ଭୂମିକା ଚିକିତ୍ସାଳୟର ପ୍ରଦୀପ ପାଲ ଏବଂ ଅନ୍ୟ କର୍ମଚାରୀମାନେ ୩୩ ଅନ୍ତେବାସୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଜିଲା ଓ ଦୌରାଜଜ୍ ପ୍ରଣବ କୁମାର ପାତ୍ର, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ଜଗମୋହନ ମୀନା, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ତ୍ରିଲୋଚନ ପ୍ରଧାନ, ଭିଜିଲାନ୍ସ ଜଜ୍ ଅନୁପ ରଞ୍ଜନ ପଟ୍ଟନାୟକ, ସିନିୟର ସିଭିଲ ଜଜ୍ ଚନ୍ଦ୍ରହାସ ବେହେରା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଶୁଭଲକ୍ଷ୍ମୀ ପଟ୍ଟନାୟକ, କାରାଗାର ଅଧୀକ୍ଷକ ସୁଚିତ୍ରା ବିଶ୍ୱାଳ, ପରିଚାଳକ ଶୁଭସ୍ମିତା ବିଶ୍ୱାଳ, ଆଇନସେବା ପ୍ରାଧିକରଣ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରାଧିକରଣ ସଚିବ ଏସ୍. ଶୁଭଲକ୍ଷ୍ମୀ ପରିଚାଳନା କରିଥିଲେ।

# ମୃତ୍ତିକା ସଂରକ୍ଷଣ ପରାମର୍ଶ

**ଅନୁଗୋଳ ଅଫିସ, ୮।୧୨**

ଅନୁଗୋଳ ସହର ଉପକଣ୍ଠ କୁଇଓ ଗ୍ରାମ କାଉଁଶିତଇଲା ଠାରେ ସାମାଜିକ ଅନୁଷ୍ଠାନ ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ପକ୍ଷରୁ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାଉଁଶିତଇଲା ବନ ସୁରକ୍ଷା ସମିତି ସଭାପତି ସଂଗ୍ରାମ ଦେହୁରୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ସମ୍ପାଦକ ପ୍ରସନ୍ନ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୃତ୍ତିକା ସଂରକ୍ଷଣ ପାଇଁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ସଂଯୋଜକ ସୁବ୍ରତ କୁମାର ପ୍ରଧାନ, ନାରୀ କବି ସୁବର୍ଣ୍ଣ ଦେହୁରୀ ଏବଂ ପ୍ରକୃତି ପ୍ରେମୀ କୁମର ଦେହୁରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମୃତ୍ତିକା ପ୍ରଦୂଷଣର କାରଣ ଓ ନିରାକରଣ, ଜୈବିକ କୃଷିର ଉପକାର ଉପରେ ମତ ରଖିଥିଲେ। ଯଶୋବନ୍ତ ସାହୁ ଏବଂ ବନ ସୁରକ୍ଷା ସମିତି କର୍ମକର୍ତ୍ତା ସହଯୋଗ କରିଥିଲେ।

# ଆମ୍ବେଦକରଙ୍କ ତିରୋଧାନ ଦିବସ

**ଆଠମଲ୍ଲିକ, ୮।୧୨(ଡି.ଏନ.ଏ.)**

ଆଠମଲ୍ଲିକ ଆମ୍ବେଦକର ଫାଉଣ୍ଡେଶନ ପକ୍ଷରୁ ସଭାପତି ଆଇନଜୀବୀ ଜିତେନ୍ଦ୍ର କୁମାର ମୁଖିଙ୍କ ଅଧ୍ୟକ୍ଷତାରେ ସମ୍ବିଧାନ ପ୍ରଣେତା ବାବାସାହେବଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ତରଣୀ ସୁନା ଯୋଗଦେଇ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷା ଆଶା କୁମାରୀ ସାହୁ, ଓକିଲ ସଂଘ ସଭାପତି ସୁଶାନ୍ତ ମହାପାତ୍ର, ତହସିଲଦାର ଯଶୋବନ୍ତ ଦେହୁରୀ, ସହକାରୀ ଜିଲାପାଳ କୁଳମଣି ଦଳେଇ ପ୍ରମୁଖ ଯୋଗଦେଇଥିଲେ। ଆଇନଜୀବୀ ବାମନ ମିଶ୍ର, ରଞ୍ଜନ ବେହେରା, ଆର୍ଯ୍ୟଭଟ୍ଟ ମହାନନ୍ଦିଆ, ଗଜେନ୍ଦ୍ର ବେହେରା, ନିରାକାର ଭୁକ୍ତା ପ୍ରମୁଖ ଉପସ୍ଥିତ ଥିଲେ।


ପ୍ରତିମୂର୍ତ୍ତି ନିକଟରେ ଅତିଥିମାନେ।

# ବିଦ୍ୟୁତ୍ ସେବାରୁ ୫ ଦିନ ହେଲା ବଞ୍ଚିତ

**ବଇଣ୍ଡା,୮।୧୨(ଡି.ଏନ.ଏ)**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ପାଇକସାହି ପଞ୍ଚାୟତ ବାଘୁଆନାଳୀ ଗ୍ରାମରେ ୫ ଦିନ ହେବ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ଫଳରେ ଗ୍ରାମ ରାତିରେ ସମ୍ପୂର୍ଣ୍ଣ ଅନ୍ଧାରରେ ରହୁଛି। ଏ ନେଇ ଗୁରୁବାର ଗ୍ରାମବାସୀ ଆଠମଲ୍ଲିକ ଉପଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଦର୍ଶାଇଛନ୍ତି, କିଛିଦିନ ତଳେ ଏହି ଅଞ୍ଚଳରେ ବିଦ୍ୟୁତ୍ ତାରରରୁ ହୁକ ପକାଇ ବାର୍‌ହା ଶିକାର ପାଇଁ ଫାଶ ବସାଯାଇଥିବାବେଳେ ଗ୍ରାମର ୨ ଜଣ ଶିକାରୀଙ୍କୁ ଗିରଫ କରାଯାଇଥିଲା। ସେହିଦିନଠାରୁ ଗ୍ରାମକୁ ଆସିଥିବା ବିଦ୍ୟୁତ୍ ବିଚ୍ଛିନ୍ନ କରି ଦିଆଯାଇଛି। ଫଳରେ ଗ୍ରାମରେ ଥିବା ୩୦ ବିଦ୍ୟୁତ୍ ଉପଭୋକ୍ତା ରାତିରେ ଅନ୍ଧାରରେ ରହୁଛନ୍ତି। ରାତିରେ ମେଧାବୀ ଛାତ୍ରୀଛାତ୍ରମାନେ ପାଠ ପଢିପାରୁନାହାନ୍ତି। ତୁରନ୍ତ ବିଦ୍ୟୁତ୍ ସଂଯୋଗ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଗ୍ରାମ ସଭାପତି ଶରତ ନାୟକ, ସମ୍ପାଦକ ହୃଷିକେଶ ପ୍ରଧାନ, ସେବତୀ ପ୍ରଧାନ, ରୁନି ପ୍ରଧାନ, ସୁଲୋଚନା ନାୟକ, ପୁରୁଷୋତ୍ତମ ନାୟକ, ସାଗର ନାୟକ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ନେଇ କନିଷ୍ଠଯନ୍ତ୍ରୀ ପଙ୍କଜ ଖିଲାରଙ୍କୁ ପଚାରିବାରୁ ଜନ୍ତୁ ଶିକାର ପାଇଁ ବିଦ୍ୟୁତ୍ କଟାଯାଇଥିବା ସେ ପ୍ରକାଶ କରିଛନ୍ତି।



# ପରିବେଶ ସନ୍ତୁଳନ ପାଇଁ ଗଛ ଲଗାଅ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଗ୍ରାମବାସୀ।

**ବଇଣ୍ଡା, ୮।୧୨ (ଡି.ଏନ.ଏ.)**

ରାସ୍ତା, ଶିଳ୍ପ ପାଇଁ ବ୍ୟାପକ ଜଙ୍ଗଲ କଟାଯାଉଛି। ଫଳରେ ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ତେଣୁ ପରିବେଶ ସନ୍ତୁଳନ ବଜାୟ ରଖିବା ପାଇଁ ସମସ୍ତେ ବୃକ୍ଷ ଲଗାଇବା ସେଥିପ୍ରତି ଯତ୍ନବାନ ହୁଅନ୍ତୁ। ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ପଞ୍ଚାୟତ ଅଲେଖପୁରଠାରେ ଫାଉଣ୍ଡେଶନ ଫର ଇକୋଲୋଜିକାଲ ସିକ୍ୟୁରିଟି ପକ୍ଷରୁ ଅନୁଷ୍ଠିତ ବିଶ୍ୱ ମୃତ୍ତିକା ଦିବସରେ ଯୋଗ ଦେଇଥିବା ଅତିଥିମାନେ ଏହି ପରାମର୍ଶ ଦେଇଛନ୍ତି। ପ୍ରଶ୍ନ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗ୍ରାମ ସଭାପତି ସନ୍ତୋଷ କୁମାର ସାହୁ, ସମ୍ପାଦକ ସୁଶାନ୍ତ ପ୍ରଧାନ, ତପନ କୁମାର ପ୍ରଧାନ, ଭୁବନ ପ୍ରଧାନ, ସନୋଜ ଦେହୁରୀ, ବସନ୍ତ ନାୟକଙ୍କ ସମେତ ଗ୍ରାମବାସୀ ଯୋଗ ଦେଇଥିଲେ।

# ସୁରେନ୍ଦ୍ର ସାଏଙ୍କ ଭୂମିକା ଉପରେ ଆଲୋକପାତ

**ଆଠମଲ୍ଲିକ,୮।୧୨(ଡି.ଏନ.ଏ.)**

ଆଠମଲ୍ଲିକ ମହାବିଦ୍ୟାଳୟ ପରିସରରେ ବୁଧବାର ଇତିହାସ ବିଭାଗ ତରଫରୁ 'ବୀର ସୁରେନ୍ଦ୍ର ସାଏଙ୍କ ଭୂମିକା' ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଆଦିତ୍ୟ କୁମାର ସାହୁ ଏଥିରେ ଅଧ୍ୟକ୍ଷତା କରି ସ୍ୱାଧୀନତା ଆନ୍ଦୋଳନରେ ବୀର ସୁରେନ୍ଦ୍ର ସାଏଙ୍କ ଭୂମିକା, ଅଦମ୍ୟ ସାହସ ବିଷୟରେ ଆଲୋକପାତ କରିଥିଲେ। ପୂର୍ବତନ ଅଧ୍ୟକ୍ଷ ଜୀବର୍ଦ୍ଧନ ବାରିକ ସମ୍ବଳ ସହାୟକ ଭାବେ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ କରାଇଥିଲେ। ବିଭାଗୀୟ ଅଧ୍ୟାପିକା କ୍ଷୀରୋଦିନୀ ଜାତୀୟ ଆନ୍ଦୋଳନର ସୁରେନ୍ଦ୍ରଙ୍କ ବୀରତ୍ୱଗାଥା ଉପରେ ମତ ରଖିଥିଲେ। ଇତିଶ୍ରୀ ଦେହୁରୀ, ମୀରା ନାଏକ, ଅନନ୍ୟା ନାଏକ ପ୍ରମୁଖ ସନ୍ଦର୍ଭ ପାଠ କରିଥିଲେ। ବିଭାଗୀୟ ଯୁବ ଅଧ୍ୟାପକ ମଦନ ମୋହନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିମାନେ।

# ସ୍ୱତନ୍ତ୍ର ଭୋଟର ତାଲିକା ପ୍ରସ୍ତୁତି

**ଅନୁଗୋଳ ଅଫିସ, ୮।୧୨**

ଅନୁଗୋଳ ଓ ଛେଣ୍ଡିପଦା ବିଧାନସଭା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଉପଜିଲାପାଳ ବଇତୁରା ଦୀପଙ୍କ ଅଧ୍ୟକ୍ଷତାରେ ଗୁରୁବାର ସ୍ୱତନ୍ତ୍ର ଭୋଟର ତାଲିକା ପ୍ରସ୍ତୁତି ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯେଉଁମାନଙ୍କ ବୟସ ୧ ଜାନୁୟାରୀ ୨୦୨୩ ସୁଦ୍ଧା ୧୮ ବର୍ଷ ହୋଇଥିବ ସେମାନେ ଭୋଟର ତାଲିକାରରେ ନିଜର ନାମ ପଞ୍ଜୀକରଣ କରିପାରିବେ। ପୂର୍ବରୁ ୯ ନଭେମ୍ବର ୨୦୨୨ରୁ ୮ ଡିସେମ୍ବର ୨୦୨୨ ସୁଦ୍ଧା ୩ଟି ଆପ୍‌ରେ ନାମ ପଞ୍ଜୀକରଣ କରିବା ପାଇଁ ୪ଟି ପର୍ଯ୍ୟାୟରେ ସ୍ୱତନ୍ତ୍ର ଦିବସ ଧାର୍ଯ୍ୟ କରାଯାଇଥିଲା। ବୈଠକରେ ଡେପୁଟି କଲେକ୍ଟର (ନିର୍ବାଚନ) ଅମ୍ଲାନ ଅପରାଜିତା ମିଶ୍ର, ରାଜସ୍ୱ ଅଧିକାରୀ ରାଜୀବ ବେହେରା, ରାଜନୈତିକ ଦଳର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।



# କ୍ରୀଡ଼ା ଶାରୀରିକ, ମାନସିକ ବିକାଶ କରେ


ଜଣେ କୃତୀ ଖେଳାଳିଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

**ବଅଁରପାଳ,୮।୧୨(ଡି.ଏନ୍.ଏ.)**

ବଅଁରପାଳ ସରସ୍ୱତୀ ଶିଶୁମନ୍ଦିରର କ୍ରୀଡ଼ା ଉତ୍ସବ ସ୍ଥାନୀୟ ପିବିକେ ଖେଳପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଡିଓ ଏଲିଜା ମିଶ୍ର, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସତ୍ୟବାନ ବରାହ, ସମ୍ପାଦକ ଅଖିଳ କୁମାର ମହାପାତ୍ର ଯୋଗଦେଇଥିଲେ। ଉଦ୍‌ଯାପନୀ ସମାରୋହରେ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ନାଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳକୁଦ ଦ୍ୱାରା ଶାରୀରିକ, ବୌଦ୍ଧିକ ଓ ମାନସିକ ବିକାଶ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ସ୍କୁଲ କମିଟି ସଭାପତି, ସମ୍ପାଦକ, ସହ ସମ୍ପାଦକ ସୁମନ୍ତ କୁମାର ସାମଲଙ୍କ ଉପସ୍ଥିତିରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡ଼ା ପ୍ରମୁଖ ଅଜୟ ବେହେରା, ତନ୍ମୟ ନାଥ, ଲକ୍ଷ୍ମୀଧର ସାହୁ, ଚିନ୍ମୟୀ ପ୍ରଧାନ, ମୋନାଲିନ ପାଣି, ନର୍ମଦା ସାହୁ ପ୍ରମୁଖ ପରିଚାଳନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରଭାତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।


**OFFICE OF THE MUNICIPAL COUNCIL, KEONJHARGARH**

At/P.O.-Keonjhargarh, Dist.-Keonjhar, Odisha, Pin-758001
Phone/Fax: (06766) 255413, E-mail:-keonjharm.hud@rediffmail.com
Website - https://keonjhargarhmc.in/

**"Expression of Interest (EOI) for Management of Ward Offices by Mission Shakti SHG During the Year 2023-24"**

No.9040 Date:05.12.22

**No.C-1823:**Keonjhargarh Municipality invites Expression of Interest in sealed cover from interested Mission Shakti SHGs to be engaged for managing Ward Offices of Urban Local Bodies (ULBs) during the Year 2023-24. The sealed Expression of Interest should be submitted to the address of respective ULBs on or before date 20/12/2022, Time-5:30 P.M by registered/speed post only.

The Technical Bid will be opened on date 21/12/2022 at 11A.M in the Mini conference hall of Keonjhargarh Municipality. The sealed envelope should be superscripted with "EOI for Management of Ward Offices by Mission Shakti SHGs, 2023-24". The detailed terms and conditions of the Expression of Interest is available in website.

**https://keonjhargarhmc.in/, https://kendujhar.nic.in/**
**Sd./-Executive Officer, Keonjhargarh Municipality**
OIPR-13115/11/0010/2223


# ବଇଣ୍ଡାରେ ମାଣବସା ଲକ୍ଷ୍ମୀପୂଜା




**ବଇଣ୍ଡା,୮।୧୨(ଡି.ଏନ.ଏ)**

କିଶୋରନଗର ବ୍ଲକ ବଇଣ୍ଡା, ଠେଲକନାଳୀ, କିଶୋରନଗର ଆଦି ଅଞ୍ଚଳରେ ଗୁରୁବାରଠାରୁ ମାଣବସା ଗୁରୁବାର ଲକ୍ଷ୍ମୀପୂଜା ପାଳିତ ହୋଇଯାଇଛି। ବୁଧବାର କଳସରେ ପାଣି ଆଣିବା ପରେ ଗୁରୁବାର ପୂଜା ଆରମ୍ଭ ହୋଇଥିଲା। ମା'ଙ୍କ ଯଥା ରୀତିନୀତି ନିୟମ ଅନୁସାରେ ପୂଜା କରାଯାଇଥିଲା। ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବଇଣ୍ଡା ପୂଜା କମିଟିର କାଳନ୍ଦୀ ଚରଣ ସାହୁ, ଦିଲ୍ଲୀପ ଶଙ୍ଖାରି, ବିକାଶ ସାହୁ, ମନୋଜ ଟିବ୍ରୁୱାଲା, ରଞ୍ଜିତ ବେହେରା, ଠେଲକନାଳୀ ପୂଜା କମିଟି ପବିତ୍ର ମୋହନ ସାହୁ, ଟିକିନା ସାହୁ, ଦିଲ୍ଲୀପ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ୧୦୦ରୁ ଉର୍ଦ୍ଧ୍ୱ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ

**ଛେଣ୍ଡିପଦା, ୮।୧୨(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବୈଦିକ ଯୋଗକେନ୍ଦ୍ରଠାରେ ବୁଧବାର କମ୍ବଳ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଷ୍ଟେଟ ବ୍ୟାଙ୍କ ଛେଣ୍ଡିପଦା ଶାଖା, ଅବସରପ୍ରାପ୍ତ କର୍ମଚାରୀ ସଂଘ ଓ ବୈଦିକ ଯୋଗକେନ୍ଦ୍ରର ମିଳିତ ସହଯୋଗରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ତହସିଲଦାର ଡାନିଏଲ ଏକ୍କା, ଏସ୍‌ବିଆଇ ଶାଖା ପରିଚାଳକ ସମର ବଲ୍ଲଭ ପଣ୍ଡା, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା, ସରପଞ୍ଚ ସୁଦୀପ୍ତ ପ୍ରଧାନ, ଗ୍ରାମ ସଭାପତି ଚନ୍ଦ୍ରମଣି ପ୍ରଧାନ, ସଂଘ ସଭାପତି ଗୋବର୍ଦ୍ଧନ ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ୧୦୦ରୁ ଉର୍ଦ୍ଧ୍ୱ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବିତରଣ କରାଯାଇଥିଲା। ଯୋଗକେନ୍ଦ୍ର ସଦସ୍ୟ ରାଜକିଶୋର ସାହୁଙ୍କ ସଂଯୋଜନାରେ ସଦସ୍ୟ ବିଦ୍ୟାଧର ସାହୁ, ଦୁର୍ଯ୍ୟୋଧନ ବିଶ୍ୱାଳ, ମୋହନ ସାହୁ, ଜଗବନ୍ଧୁ ସାହୁ, ଜୟକୃଷ୍ଣ ପ୍ରଧାନ, ଲମ୍ବୋଦର ସାହୁ, ଜଳଧର ସାହୁ, ଯଦୁନାଥ ବେହେରା, ଗତିକୃଷ୍ଣ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।


ଅତିଥିମାନେ କମ୍ବଳ ବଣ୍ଟନ କରୁଛନ୍ତି।


**ZILLA SWASTHYA SAMITI,NABARANGPUR**
**OFFICE OF CDM & PHO-cum-District Mission Director, Nabarangpur**

Advt.No.316/NHM/NGP Date:07.12.2022

**ADVERTISEMENT**

**No.E-710:**Applications are invited from the eligible candidates to fill up various posts under National Health Mission(NHM) Nabarangpur on contractual basis with monthly remuneration as noted against each. Applicants can log on to www.nabarangpur.nic.in for details of vacancy, eligibility criteria, Age,Remuneration,Application forms and other terms & conditions. The candidates are advised to send their self attested photocopies of all the relevant educational certificates in accordance to post applied for along with the completed prescribed Application Form as hoisted in the website and can apply to the CDM & PHO, Nabarangpur AT /PO-Mirganguda District:-Nabarangpur.PIN-764059.through Registered Post/ Speed Post only to the undersigned on or before 27.12.2022 by 5 PM.The envelope containing the application should be superscribed clearly with the name of the post applied for........ The candidates are requested to log on to district website of Nabarangpur www.nabarangpur.nic.in regarding notification of selection process/Shortlisted candidates / updated result / notification etc.The undersigned reserves the right for any modification /cancellation of advertisement without assigning any reason thereof.

**Sd./- (Dr. Kali Prasad Behera)**
**CDM & PHO-cum-District Mission Director**
**Nabarangpur**
OIPR-10164/11/0002/2223

